

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 OCTOBER 2022
Vol.No. 32 ■ No. 256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସରିଲା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ ନାମାଙ୍କନ



ନୂଆଦିଲ୍ଲୀ, ୩୦/୯ : ଦୀର୍ଘ ୨୦ ବର୍ଷ ପରେ ହେବାକୁ ଯାଉଛି କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ । ଦୁଇ ଦଶନ୍ଧୀ ପରେ କଂଗ୍ରେସର ମୁଖିଆ ହେବେ ଜଣେ ଅଣ ଗାନ୍ଧି ନେତା । ହେଲେ ଏଥିପାଇଁ ଗତ କିଛି ଦିନ ଧରି ଏହି ବହୁ ପୁରାତନ ଦଳରେ ଦେଖିବାକୁ ମିଳୁଛି ହାଇ ଭୋଲଟେଜ୍ ଡ୍ରାମା । ଏହାରି ଭିତରେ ଅଧ୍ୟକ୍ଷ ପଦ ନିର୍ବାଚନ ପାଇଁ ଶେଷ ହୋଇଛି ନାମାଙ୍କନ ପତ୍ର ଦାଖଲ । ହାଇଭୋଲଟେଜ ଡ୍ରାମା ଭିତରେ ଶେଷ ହୋଇଛି କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ । କଂଗ୍ରେସର ଦୁଇ ପ୍ରମୁଖ ଚେହେରା ମଲ୍ଲିକାର୍ଜୁନ ଖଡଗେ ଓ ଶଶି ଥରୁର ଶୁକ୍ରବାର ନିଜ ନିଜ ନାମାଙ୍କନ ପତ୍ର ଭରିଛନ୍ତି । ଏଆଇସିସି ମୁଖ୍ୟାଳୟକୁ ଯାଇ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଶଶି ଥରୁର । ଏହାପରେ ମଲ୍ଲିକାର୍ଜୁନ ଖଡଗେ ମଧ ଏଆଇସିସି କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶୁକ୍ରବାର ନାମାଙ୍କନ ଦାଖଲ ସମୟରେ କଂଗ୍ରେସର ପ୍ରାୟ ୩୦ଜଣ ବରିଷ୍ଠ ନେତା ପହଁଚିଥିଲେ । ନାମାଙ୍କନ ଦାଖଲ ପରେ ଶଶି ଥରୁର ପ୍ରତିକ୍ରିୟା ରଖିଛନ୍ତି । ସେପଟେ ଶେଷ ମୁହୂର୍ତରେ ଯେଉଁଭଳି ଭାବରେ ଦିଗବିଜୟ ସିଂ ନିର୍ବାଚନ ରେସରୁ ଓହରିଲେ ଓ ମଲ୍ଲିକାର୍ଜୁନ ଖଡଗେଙ୍କ ଏଣ୍ଟ୍ରିଂ ହେଲା, ତାହା ବେଶ ରୋଚକ ଥିଲା । ଗାନ୍ଧି ପରିବାରର ବେଶ ନିକଟତର ଥିବା ତଥା କଂଗ୍ରେସ ବିଚାରଧାରାକୁ ନିଜର ବିଚାରଧାରା କହି ଆସୁଥିବା ମଲ୍ଲିକାର୍ଜୁନ ଖଡଗେଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ନାମାଙ୍କନ ଦାଖଲ କରି ଖଡଗେ କହିଛନ୍ତି ତାଙ୍କୁ ଦଳୀୟ କର୍ମଚାରୀ ସମର୍ଥନ ଓ ପ୍ରୋତ୍ସାହନ ମିଳିବା ପରେ ସେ ନିର୍ବାଚନ ରେସରେ ସାମିଲ ହୋଇଛନ୍ତି । ଗୁରୁବାର ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ପାଇଁ ଶଶି ଥରୁର, ଦିଗବିଜୟ ସିଂଙ୍କ ନା ପ୍ରାୟତଃ ସ୍ଥିର ହୋଇସାରିଥିଲା । ହେଲେ ଶୁକ୍ରବାର ସକାଳୁ ବଦଳିଯାଇଛି ଚିତ୍ର । ନିର୍ବାଚନ ରେସରୁ ହଠାତ ଦିଗବିଜୟ ସିଂହ ଓହରି ଯାଇଛନ୍ତି । ଦଳର ଅନ୍ୟତମ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଏଣ୍ଟ୍ରିଂ ହୋଇଛି । ସବୁଠାରୁ ବଡ କଥା ହେଉଛି ମଲ୍ଲିକାର୍ଜୁନଙ୍କ ପାଇଁ ପ୍ରସ୍ତାବକ ହୋଇଛନ୍ତି ▶▶ପୃଷ୍ଠା ୭

# ବିଜେଡି ବିରୋଧରେ ନଡ୍ଡାଙ୍କ ରଣହୁଙ୍କାର : ଓଡିଶାରେ ପଦ୍ମ ଫୁଟାଇବାକୁ ଦେଲେ ଆହ୍ୱାନ




ଭୁବନେଶ୍ୱର, ୩୦/୯(ନି.ପ୍ର): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ଓଡିଶା ଗସ୍ତ ରାଜ୍ୟର ରାଜନୈତିକ ପାଣିପାଗକୁ ଉଷ୍ମ କରିଛି । ଦଳୀୟ କର୍ମୀଙ୍କ ଭିତରେ ଜୋଶ୍ ଭରିବାକୁ ପୁଣିଥରେ ଜନମତକୁ ପ୍ରଭାବିତ କରିବାକୁ ଆହ୍ୱାନ କରିଛନ୍ତି ଦିଲ୍ଲୀ ବିଜେପିର ଶୀର୍ଷ ନେତା । ଅନ୍ୟପଟେ ନଡ୍ଡାଙ୍କ ସ୍ୱରରେ ସ୍ୱର ମିଳାଇ ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର ଭଳି ଶୁକ୍ରବାର ବି ଗୋଟିଏ ପଟେ ଜନତା ମଇଦାନରେ ୨୦୨୪ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରୁଥିଲା ବିଜେପି । ଆଉ ମାତ୍ର ଅଳ୍ପ କେତେ ଦୂର

# ଆତ୍ମଘାତୀ ବିସ୍ଫୋରଣରେ ଥରିଲା ଆଫଗାନିସ୍ତାନ ରାଜଧାନୀ କାବୁଲ



ନୂଆଦିଲ୍ଲୀ, ୩୦/୯ : ଶୁକ୍ରବାର ସକାଳୁ ସକାଳୁ ଆଫଗାନିସ୍ତାନର ରାଜଧାନୀ କାବୁଲରେ ବଡ ଧରଣର ବିସ୍ଫୋରଣ ଘଟିଛି । କାବୁଲର ଶିଂହା ପ୍ରାନ୍ତରେ ଥିବା କାଜ୍ ଶିକ୍ଷାନୁଷ୍ଠାନରେ ହୋଇଛି ଆତ୍ମଘାତୀ ବିସ୍ଫୋରଣ । ବିସ୍ଫୋରଣରେ ଏବେ ସୁଦ୍ଧା ୧୯ ଜଣ ପ୍ରାଣ ହରାଇଥିବାବେଳେ ୨୭ରୁ ଅଧିକ ଆହତ ହୋଇଛନ୍ତି । ଛାତ୍ରଛାତ୍ରୀ ମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଘଟିଛି ଏହି ଭୟାନକ ବିସ୍ଫୋରଣ । ଘଟଣାକୁ ନେଇ ଆଫଗାନିସ୍ତାନ ପୋଲିସ କହିଛି, ଏହି ବିସ୍ଫୋରଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ବର୍ତମାନ ସୁଦ୍ଧା ନିଜକୁ ଦାୟି କରିନାହାନ୍ତି । ଆଫଗାନିସ୍ତାନରେ ବାରମ୍ବାର ଏପରି ବିସ୍ଫୋରଣ ଘଟୁଛି । ଚଳିତ ମାସ ସେପଟେମ୍ବର ୨୩ରେ ▶▶ପୃଷ୍ଠା ୭

# କ୍ୟାବିନେଟ୍ ରେ ୮ଟି ପ୍ରସ୍ତାବକୁ ମଂଜୁରୀ

## – ଓଡିଆ ଭାଷାରେ ଦେଇହେବ ଓସିଏସ୍ ପରୀକ୍ଷା
## – ଚଳିତ ବର୍ଷ ୭୧ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ



ଭୁବନେଶ୍ୱର, ୩୦/୯(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅପରାହ୍ନରେ ରାଜ୍ୟ କ୍ୟାବିନେଟ୍ ର ଗୁରୁରତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋଟ ୮ଟି ପ୍ରସ୍ତାବ ଉପରେ ମୋହର ଲାଗିଛି । ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ , ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଗୃହ , ଇସ୍ପାତ ଓ ଖଣି ବିଭାଗର ପ୍ରସ୍ତାବ ସାମିଲ ରହିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ନିଷ୍ପତି ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓସିଏସ ପରୀକ୍ଷା ନେଇ ରାଜ୍ୟ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଏଥିରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଣିକି ପରୀକ୍ଷାର୍ଥୀମାନେ ଲିଖିତ ପରୀକ୍ଷାରେ ଇଂରାଜୀ କିମ୍ବା ଓଡିଆରେ ଲେଖିପାରିବେ । ପରୀକ୍ଷାରେ କେବଳ ଗୋଟିଏ ଅପସନାଲ ବିଷୟ ରହିବ । ଅଣସଂରକ୍ଷିତ ବର୍ଗର ପିଲା ୪ ଥର ବଦଳରେ ୬ ଥର ପରୀକ୍ଷା ଦେଇପାରିବେ । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ପାଇଁ କୌଣସି ସମୟସୀମା ନାହିଁ । ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପ୍ରାର୍ଥୀ ସର୍ବାଧିକ ୯ ଥର ପରୀକ୍ଷା ଦେଇପାରିବେ । ଏହା ବ୍ୟତୀତ ଓସିଏସ୍ ପରୀକ୍ଷାରେ ପୂର୍ବରୁ ୨୨୫୦ ମାର୍କର ପରୀକ୍ଷା ହେଉଥିଲା । ଏହାକୁ ସଂଶୋଧନ କରାଯାଇଛି । ଏଣିକି ଇଂଟରଭ୍ୟୁକୁ ମିଶାଇ ମୋଟ ୨୦୦୦ ମାର୍କର ପରୀକ୍ଷା କରାଯିବ । ସେହିଭଳି 'ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୨-୨୩'କୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଚଳିତ ଖରିଫ ବର୍ଷରେ ୭୧ ଲକ୍ଷ ▶▶ପୃଷ୍ଠା ୭

# ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ବିରୁଦ୍ଧରେ କାଷ୍ଟିଂ କାଉଚ ଅଭିଯୋଗ



ଭୁବନେଶ୍ୱର, ୩୦/୯(ନି.ପ୍ର): ଜଣାଶୁଣା ଓଡିଆ ସିନେମା ପ୍ରଯୋଜକ ଅକ୍ଷୟ ପରିଜାଙ୍କ ବିରୁଦ୍ଧରେ କାଷ୍ଟିଂ କାଉଚ ଅଭିଯୋଗ ଆଣିଛନ୍ତି ଜଣେ ଯୁବତୀ । ପୀଡ଼ିତାଙ୍କର ଏକ ଭିଡିଓ ଭାଇରାଲ ହୋଇଛି । ଅକ୍ଷୟ ପରିଜାଙ୍କ ବିରୁଦ୍ଧରେ ଅଭିଯୋଗ ଆଣି କହିଛନ୍ତି ଯେ, ସିନେମାରେ ଅଭିନେତ୍ରୀ ହେବାର ସୁଯୋଗ ଦେବାକୁ କହି ଅକ୍ଷୟ ପରିଜା ତାଙ୍କୁ ବର୍ଷେ ଧରି ଶାରୀରିକ ଶୋଷଣ କରିଛନ୍ତି । ତାଙ୍କ ଅଶ୍ଳୀଳ ଫଟୋ ରଖି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ । ସେ ଦଳିତ ଜାତିର ଝିଅ । ସେ ନୀଚ ଜାତିର ହୋଇଥିବାରୁ ତାଙ୍କୁ କେଉଁଠି କାମ ମିଳିବ ନାହିଁ ବୋଲି କହୁଥିଲେ । ଏପରିକି ତାଙ୍କର ଅନ୍ୟତ୍ର ବାହାଘର ଠିକ୍ ହୋଇଥିଲେ ବି କାହାକୁ ବାହାହେଲେ ଜୀବନରୁ ମାରି ଦେବି ବୋଲି ଅକ୍ଷୟ ପରିଜା ଧମକ ଦେଇଥିବା ଯୁବତୀ ଅଭିଯୋଗ କରିଛନ୍ତି ।


DSPL-202

ODISHA STATE
ଓଡ଼ିଶା ସରକାର



୧ ଅକ୍ଟୋବର ୨୦୨୨ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ସମସ୍ତ ରକ୍ତଦାତାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜୀବନ ରକ୍ଷାକାରୀ ରକ୍ତ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା

- ୫୫ଟି ସରକାରୀ ରକ୍ତ ଯୋଗାଣ କେନ୍ଦ୍ର ସହ ରାଜ୍ୟରେ ସମୁଦାୟ ୮୫ଟି ରକ୍ତ ଯୋଗାଣ କେନ୍ଦ୍ର କାର୍ଯ୍ୟକ୍ଷମ
- ୨୪ଟି ରକ୍ତ ପୃଥକୀକରଣ ୟୁନିଟ୍
- ୧୧ଟି ରକ୍ତ ଯୋଗାଣ କେନ୍ଦ୍ରରେ NAT ଟେଷ୍ଟିଂ ସୁବିଧା
- ଗ୍ରାମାଞ୍ଚଳରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ବ୍ୟବସ୍ଥା
- ସରକାରୀ ରକ୍ତ ଯୋଗାଣ କେନ୍ଦ୍ରକୁ ଆସୁଥିବା ସମସ୍ତ ଥାଲାସେମିଆ ରୋଗୀଙ୍କ ପାଇଁ ବିନା ପଇସାରେ 'ଲ୍ୟୁକୋଫିଲ୍ଟ୍ରେସନ୍' ଚିକିତ୍ସା ସୁବିଧା
- ଥାଲାସେମିଆ ରୋଗୀଙ୍କୁ ଡାକ୍ତରଖାନାକୁ ନେବା ଆଣିବା କରିବା ପାଇଁ ମାସକୁ ୫ ଶହ ଟଙ୍କା ସହାୟତା
- ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କ ପାଇଁ ରକ୍ତ ଏବଂ ରକ୍ତ ସଞ୍ଚାଳନ ପାଇଁ ଆବଶ୍ୟକ ସମସ୍ତ ସୁବିଧା ବିନା ପଇସାରେ ଉପଲବ୍ଧ

ରକ୍ତ ଦାନ ମହତ ଦାନ

ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରନ୍ତୁ।
ଅମୂଲ୍ୟ ମାନବ ଜୀବନ ରକ୍ଷା କରନ୍ତୁ।

OIPR : 10003/13/0089/2223

ଆସନ୍ତୁ, ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା
ଓଡ଼ିଶାବାସୀଙ୍କୁ ସୁସ୍ଥ, ନିରୋଗ ରଖିବା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଗଢ଼ିବା।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ



'ସାଗରିକା'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ଉତ୍ସବ

ପୂଜା ସଂଖ୍ୟା ସାଗରିକାର ଉନ୍ମୋଚନ ଉତ୍ସବ ଆସନ୍ତା ୨ ତାରିଖ ରବିବାର ସନ୍ଧ୍ୟା ୫ଟା ସମୟରେ ସ୍ଥାନୀୟ ନୃତ୍ୟ ସଂଗୀତ କଳାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆମର ବିନମ୍ର ଅନୁରୋଧ ।




ସୃଷ୍ଟିଧର ପରିଡ଼ା
ପରିଚାଳନା ସମ୍ପାଦକ, ସାଗରିକା, ବାଲେଶ୍ୱର

## ବିଏଲଓ ସୁପରଭାଇଜର ନେଲେ ତାଲିମ

ଜୟପୁର,୩୦/୯ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଜି ବିଏଲଓ ସୁପରଭାଇଜର ମାନେ ନେଲେ ତାଲିମ । ଏହି ତାଲିମ କାର୍ଯ୍ୟକ୍ରମରେ ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ ଆସିଷ୍ଟାଣ୍ଟ କଲେକ୍ଟର ସ୍ନିଗ୍ଧା ରାଣି ପଲେଇ ତାଲିମ ଦେଇଥିଲେ । ଭୋଟର କେନ୍ଦ୍ରର ନାମ ପରିବର୍ତ୍ତନ, ଭିନ୍ନକ୍ଷମ ଭୋଟରଙ୍କ ତାଲିକା, ୮୦ ବର୍ଷରୁ ଉର୍ଦ୍ଧ ଭୋଟରଙ୍କ ନାମ ଭୋଟ ଲିଷ୍ଟରେ ଓ ଅଛି କି ନାହିଁ ଦେଖିବା ଭୋଟ ଦାନ କେନ୍ଦ୍ର ରେ ବିଭିନ୍ନ ସୁବିଧା ସୁଯୋଗ, ୧୮ ବର୍ଷ ରୁ ଉର୍ଦ୍ଧ ବ୍ୟକ୍ତି ଙ୍କ ନାମ ଭୋଟର ଲିଷ୍ଟରେ ସାମିଲ କରିବା ସହ ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ ସଂଯୋଗି କରଣ କରିବା ଆଦି ଉପରେ ତାଲିମ ଦିଆଯାଇଥିଲା । ଜୟପୁର ଉପଖଣ୍ଡର କୁନ୍ଦୁରା ବ୍ଲକ, ବୈପାରିଗୁଡା ବ୍ଲକ, ବୋରିଗୁମ୍ମା ବ୍ଲକ, କୋଟପାଡର ଏନଏସି ଓ ବ୍ଲକ, ଜୟପୁର ପୌରାଂଚଳ ଓ ବ୍ଲକ ର ବିଏଲଓ ସୁପରଭାଇଜର ମାନେ ନେଲେ ତାଲିମ ।

## ଗୋଧମ ପରିଦର୍ଶନ କଲେ ଖୋର୍ଦ୍ଧାର ଗୋଭକ୍ତ

ପୁରୀ,୩୦/୯ (ନି.ପ୍ର): ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବ୍ରହ୍ମଗିରି ରୋଡ ଆଲିପଡ଼ା ଠାରେ ଥିବା ଗୋବିନ୍ଦ ଗୋଧମ ଗୋଶାଳା ପରିଦର୍ଶନ କରିଛନ୍ତି, ଖୋର୍ଦ୍ଧାଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ବଉଳା ବନ୍ଧ ଗ୍ରାମପଂଚାୟତ ର ୨୦ଜଣ ଗୋ ଭକ୍ତ ଛଗ୍ରାମବାସୀ ଙ୍କୁ ଗୋବିନ୍ଦ ଗୋଧାମ ର ପ୍ରତିଷ୍ଠାତା ତଥା ଟ୍ରଷ୍ଟ ର ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ସ୍ୱାଗତ କରି ଗୋସେବା ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବଉଳାବନ୍ଧ ସରପଂଚ ରଶ୍ମିତା ବେହେରା ଉଳାବନ୍ଧ ରେ ଗୋବିନ୍ଦ ଗୋଧାମ ଗୋଶାଳା ନିର୍ମାଣ ନିମନ୍ତେ ସହଯୋଗ ପାଇଁ ଲିଖିତ ନିବେଦନ ପୁରୀ ଗୋବିନ୍ଦ ଗୋଶାଳା ମୁଖ୍ୟଙ୍କୁ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ, ଚିଲିକା ର ବିଧାୟକ ପ୍ରଶାନ୍ତ ଜଗଦେବ ତିନିଦିନ ପୂର୍ବରୁ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଙ୍କ ସହ ଆଲୋଚନା କରିଥିଲେ । ଚାରି ଏକର ଜମିରେ ଗୋଶାଳା ହେବ ବୋଲି ସ୍ଥିର କରାଯାଇଛି । ପରିଦର୍ଶନ ରେ ଆସିଥିବା ବଉଳାବନ୍ଧର ଆନନ୍ଦ ଚନ୍ଦ୍ର ନାୟକ, ସରପଂଚ ପ୍ରତିନିଧି ବିଜୟ ବେହେରା, ପୂର୍ବତନ ସରପଂଚ ଜୟକୃଷ୍ଣ ବେହେରା , ବିଜୟ ନାୟକ, ଚିଲିକା ବିଜୁ ଜନତାଦଳ ସଭାପତି ଆଲୋକ ନାୟକଙ୍କୁ ଟ୍ରଷ୍ଟର ମାର୍ଗଦର୍ଶକ ଶ୍ରୀ ମନ୍ଦିର ବରିଷ୍ଠ ସେବକ ରଜତ ପ୍ରତିହାରୀ ଉତ୍ସାହିତ କରିବା ସହ ସାଧୁବାଦ ଜଣାଇଛନ୍ତି ବୋଲି ଟ୍ରଷ୍ଟ ର ମୁଖପାତ୍ର ସାମ୍ବାଦିକ ବିଷ୍ଣୁଦତ ଦାସ ପ୍ରକାଶ କରିଛନ୍ତି।

## ପୁଇଁନ୍ତଲା ବ୍ଲକ ସ୍ତରୀୟ ଫୁଟବଲ ଖେଳାଳୀ ଚୟନ ଶିବିର

ବଲାଙ୍ଗୀର,୩୦/୯ (ନି.ପ୍ର): ରାମଜୀ ହାଇସ୍କୁଲ କୁରୁଲ ଠାରେ ପୁଇଁନ୍ତଲା ବ୍ଲକ ହାଇସ୍କୁଲ ସ୍ତରୀୟ ଫୁଟବଲ ସିଲେକ୍ସନ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳ ରାଜକୁମାର ପାଣିଗ୍ରାହୀ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁଇଁନ୍ତଲା ବ୍ଲକ ର ଏ.ବି.ଇ.ଓ ଦୁର୍ବାଦଳ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ । କୁରୁଲ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଖେଳରେ ଦେବି ପ୍ରସାଦ ରାଉତ,ବୁଦ୍ଧିରାଜ ବିଶ୍ୱାଳ, ପ୍ରବୀଣ କୁମାର ପଣ୍ଡା, ସସ୍ମିତା ଗଡତିଆ, ସୌଭାଗ୍ୟ କୁମାର ପୁଜାରୀ ଯୋଗ ଦେଇଥିଲ ।

# ବାର୍ଡ ଦ୍ୱାରା ଟେଲିକମ ଉପଭୋକ୍ତା ଅଧିକାର ଓ ଅଭିଯୋଗ ସମ୍ବନ୍ଧୀୟ ସଚେତନତା କର୍ମଶାଳା

କନ୍ଧମାଳ ,୩୦/୯ (ନି.ପ୍ର): ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ ଏକ ଦିନିକିଆ ଟେଲିକମ ଗ୍ରାହକ ସଚେତନତା କର୍ମଶଳଓକୁ ଫୁଲବାଣୀ ସ୍ଥିତ ଆଇଟିଡିଏ ସଭାଗୃହ ରେ କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ବସନ୍ତ କୁମାର ସାହୁ ଉଦ୍ଘାଘାଟନ କରିଥିଲେ ଓ ଆଜିକାଲି ଦୁନିଆରେ ସହର ଅଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପିଲ୍ଲା, ବୁଢା, ଯୁବକ ଯୁବତୀ ସମସ୍ତେ ମୋବାଇଲ ବ୍ୟବହାର କରୁଛନ୍ତି ଯାହା ଆମ ଜୀବନର ଅପରିହାର୍ଯ୍ୟ । ନେଟୱର୍କ ସମସ୍ୟା, ଗୁଣବତ୍ତା ସେବା ପାଇବାରୁ ବଞ୍ଚିତ ଥିଲେବି ଦୈନିକ ଧାର୍ଯ୍ୟ ଦେୟ ମୂଲ୍ୟ ଦେବା, ଫେକ ମେସେଜ, ନ୍ୟୁନ ମାନ ସେବା, ବିଶେଷ କରି କନ୍ଧମାଳ ଜିଲ୍ଲା ୧୦ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ୧୨ଗୋଟି ବ୍ଲକ, ୨୦୦ ଗୋଟି ଗ୍ରାମ ଆଦିବାସୀ ଅଧୁସିତ, ଅପ୍ରାନ୍ତ, ଅପହଞ୍ଚ କନ୍ଧମାଳ ଜିଲ୍ଲା ଥିବା ଦୃଷ୍ଟିରୁ ସବୁଠି ନେଟୱର୍କ ପହଞ୍ଚାଇବ ସରକାରଙ୍କ କଡା ନିସ୍ପତି ଥିଲେବି ଟେଲିକମ କମ୍ପଓନୀ ମାନେ ଅଣଦେଖା କରିବା ଓ ସରକାର ଡିଜିଟାଲ ସାକ୍ଷର ପାଇଁ ଆବଶ୍ୟକ ଭିତିଭୂମିର ଅଭାବ, ନେଟୱର୍କ ସମସ୍ୟା, ଇନ୍ଟରନେଟ ଧିମୀଗତିରେ ଚାଲିବଓ,ଫେକ ମେସେଜ, ରିଚାର୍ଜ ପୂର୍ବରୁ ବାରମ୍ବାର କଲ ଆସିବା, ନୋଡାଲ ଓ ଅପଲଟେ ଅଧିକାରୀଙ୍କ ତଥ୍ୟ ସାର୍ବଜନୀକରଣ ନକରିବା, ଟ୍ରାଇର ଭାଲିଡିଟି ୨୮ ରୁ ୩୦ଦିନ ନିୟମ କଲେବି ଟେଲିକମ କମ୍ପାନୀ ଆଜିସୁଧା କାର୍ଯ୍ୟକ୍ଷମ ନକରିବା, ଘୋରାଇ ଇନ୍ଟାରନେଟ ସେବାକାରୀ ଓ ଡ଼ିଟିଏଚ, ଗ୍ରାହକଠାରୁ ଅଧିକ ମାସିକ ଦର ନେଇଥାନ୍ତି ଯାହା ସଭାରେ ଦୃଢ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ମୋବାଇଲ ସେବା ଓ ରାଡିଅସନ ବିକରଣର କୁପ୍ରଭାବରେ ପ୍ରକୃତିର ଜୀବଜାତ ଓ ପକ୍ଷୀ ମାନେ ଦିଗ ହରାହେଲେଣି । ମହୁମାଛି ସବୁ ଲୋପ ଅଭିମୁଖେ ଯାହା ଆମ ଜଳବାୟୁ ଓ ଜୈବ ବିଭିଦତା ପ୍ରତି ବିପଦ ମାଡିବାକୁ ବସିଲାଣି ତାହା ଉପରେ ଗବେଷଣା କରି ପ୍ରତିକାର ପଦକ୍ଷେପ ନେବାପାଇଁ ସରକାର ଓ ଟେଲିକମ କମ୍ପାନି ମାନେ ବଚନବଦ୍ଧ ଅବିଭକ୍ତ ବକ୍ତାମାନେ ମତ୍ତ ରଖିଥିଲେ ଓ ବର୍ତମାନ ଦେଶରେ ୧୫୧ କୋଟି ମୋବାଇଲ ଗ୍ରାହକ, ୪୯୫ ନିୟୁତ ସ୍ମାର୍ଟଫୋନ ଫୋନ ବ୍ୟବହାରୀକାରୀ, ୪୮୭ନିୟୁତ ଓ୍ୱାହାଷାଆପ ଗ୍ରାହକ,୨୪୦ ଫେସବୁକ ଗ୍ରାହକ,୨୧୦ନିୟୁତ ଇନଷ୍ଟାଗ୍ରାମ ଗ୍ରାହକ,୭କୋଟି ଡ଼ିଟିଏଚ, ୧୪୦କୋଟି ଇନ୍ଟରନେଟ ଗ୍ରାହକ ଦେଶରେ ୪ରୁ୫ ଏସବୁ ବ୍ୟବହାର ଗ୍ରାହକ କରୁଛନ୍ତି ତନମଧ୍ୟରୁ ୯୫ଭାଗ ଗ୍ରାହକ ଟେଲିକମ କମ୍ପାନି ଦ୍ୱାରା ପୀଡିତ ବର୍ତମାନ ଦେଶର ଜନସଂଖ୍ୟା ପାଖପାଖି ଉପଭୋକ୍ତା ଟପିବାକୁ ଲାଗିଲାଣି ,ଗୁଣାତ୍ମକ ସେବା ଦେବାରେ ଟେଲିକମ କମ୍ପାନୀ ମାନେ ଅସମର୍ଥ କାରଣ ଗ୍ରାହକ ଅଧିକାସଂଖ୍ୟା ଦୌଡରେ ଥିବା ଚକର ଯୋଗୁ ପ୍ରତିଦିନ ଗ୍ରାହକ ମାନେ ଦିବା ରାତିରେ ଶୋଷଣର ଶିକାର ହୋଉଛନ୍ତି, ଟ୍ରାଇ ନିୟମ କଡାକଡି ଥିଲେ ମଧ ଟେଲିକମ କମ୍ପାନୀ , କେବଲ ଅପରେଟର, ଇନ୍ଟାରନେଟ ସେବା ପ୍ରଦାନକାରୀ ଅଣଦେଖା କରୁଛନ୍ତି , ଗ୍ରାହକ ସେବା କେନ୍ଦ୍ର ଗୁଡିକରେ ଅଭିଯୋଗ ପ୍ରଣାଳୀକୁ ସରଳ କରିବା , ଅଧିକ ଟୋଲ ଫ୍ରୀ ନମ୍ବର, ୱାଟସ୍ ଆପ୍ପ ନମ୍ବର ଓ ଓଡିଆ ଭାଷାରେ ସୁଗମ୍ୟ କରିବା ଅଧିକରୁ ଅଧିକ ଗ୍ରାହକ ସଚେତନତା କର୍ମଶଳ । କମ୍ପାନୀଗୁଡିକ କରିବା ଉପରେ ଆୟୋଜନକାରୀ ଅନୁଷ୍ଠାନ ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ମତ ପ୍ରକାଶ କରିଥିଲେ । ଟ୍ରାଇ ନିୟମ ଓ ନିର୍ଦ୍ଦେଶାବଳୀ ଉପରେ ଗ୍ରାହକକୁ ମାର୍ଗ ଦର୍ଶନ ସେ ଦେଇଥିଲେ । ଜିଲ୍ଲାରେ ନେଟୱର୍କ ଓ ଇଣ୍ଟେର୍ନେଟ ଭଲଭାବରେ କାମ ନକରିବା ଓ ବିପର୍ଯ୍ୟ ଥିବାରୁ ଗ୍ରାହକ ମାନେ ବ୍ୟାଙ୍କ ସେବା, ଶିକ୍ଷା ସେବା,ଇ-ସେବା, ଅନଲାଇନ, ସ୍ୱାସ୍ଥ୍ୟ ସେବା,ବାଣିଜିକ ଓ ୨୦ଗୋଟି ସେବାରୁ ବଞ୍ଚିତ ହେବା ଦୁର୍ଭାଗ୍ୟ ବୋଲି ସଭାରେ ମତ ପ୍ରକାଶ ପାଇଛି । ଗ୍ରାମ ଅଞ୍ଚଳରେ ଅଧିକ ଟେଲିକମ ଗ୍ରାହକ ସଚେତନତା ସଭା କରିବା ଉପରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଅଛି, ଖାଉଟିକର୍ମୀ ଗୌରିଶଙ୍କର ପଣ୍ଡା ସଭାପତିତ୍ୱ କରିଥିଲେ,ଭାରତୀୟ ଦୂରସଂଚାର ,ଏୟାର ଟେଲ କମ୍ପାନୀର ,ଜିଓ ଟେଲିକୋମ କମ୍ପାନୀର,ବୋଡାଫୋନର ଟେଲ କମ୍ପାନୀର ପ୍ରାଇଭେଟ ଇନ୍ଟାରନେଟ ସେବାପ୍ରଦାନ, କେବଲ ଅପରଟର ପ୍ରତିନିଧି ମାନେ ଯୋଗଦେଇ ସେବା ସୁବିଧା ପ୍ରଦାନ ସହ ଗ୍ରାହକଙ୍କ ଅଭିଯୋଗ ଶୁଣିଥିଲେ । କନ୍ଧମାଳ ଜିଲ୍ଲାର ବହୁବୁଦ୍ଧିଜୀବୀ, ମହିଳା, ମହିଳା ସଂଘ, ଅଙ୍ଗନ୍ୱାଡି, ଆଶା,ଆମ୍ବା ସହାୟକ ଦଳ, ଆଇନଜୀବୀ, ଯୁବକସଂଘ, ଅବସର ସୈନିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ,ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାମ୍ବାଦିକ ଶହେରୁ ଅଧିକ ଗ୍ରାହକ ସଭାରେ ଉପଷ୍ଥିତ ଥିଲେ, ଶେଷରେ ବିଶିଷ୍ଟ ଆଇନଜିବୀ ଓ ସାମ୍ବାଦିକ ଆଦିତ୍ୟ ଭାଇ ସମସ୍ତଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ । ଓଡିଶା ସରକାର ରାଜ୍ୟର ସମସ୍ତ ଖାଉଟି ଅଦାଲତରେ ଖାଲିଥିବା ସଭ୍ୟସଭ୍ୟ । ପଦବି ପୂରଣ ଓ ଖାଉଟି ସଚେତନାତା ଶିବିର କରିବା ପାଇଁ ସମସ୍ତେ ଦାବି କରିଥିଲେ ।

## ହୋଟେଲ ଓ ରେଷ୍ଟୁରାଂଟ ଉପରେ ଚଢାଉ

ଜୟପୁର,୩୦/୯ (ନି.ପ୍ର): ଜୟପୁର ପୌର ପାଳିକା ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମିଳିତ ଭାବେ ଜୟପୁର ସହରର ବିଭିନ୍ନ ହୋଟେଲ ଉପରେ ଚଢାଉ କରାଯାଇଛି । ଜୟପୁର ପୌର ପାଳିକା , ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରବାଶ କୁମାର ସେଠୀ ଓ ପୋଲିସ ଉପସ୍ଥିତି ରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢାଉ କରି ଖାଦ୍ୟର ମାନ ଯାଞ୍ଚ ସହ ସଫା ସୁତରା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ଖିଲାପ କରିଥିବାରୁ ଜୋରି ମାନା ଆଦାୟ କରାଯାବା ସହ ସଚେତନ ମଧ କରାଯାଇଥିଲା । ୭ଟି ହୋଟେଲ ଉପରେ ଚଢାଉ କରାଯାଇ ୧୮ ହଜାର ଟଙ୍କା ଜୋରି ମାନା ଆଦାୟ କରାଯାଇ ଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ଟିମ ଚଢାଉ କରି ବାସି ଖାଦ୍ୟକୁ ନଷ୍ଟ କରିବା ସହ ଏକ୍ସପାଇରୀ ପେକଟକୁ ମଧ ନଷ୍ଟ କରି ତାଗିଦ କରି ଫେରିଥିବା ଜଣାଯାଇଛି । ସହରର ହୋଟେଲ ଲୋକେଶର ଚଢାଉ କରି ୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଏମଜି ରୋଡର ବେକେରି ଚଢାଉ କରି ୧ ହଜାର ଟଙ୍କା, ଏମଜି ରୋଡର ସୁରିୟା ସୁଇଟସ ଚଢାଉ କରି ୨ ହଜାର ଟଙ୍କା, ହୋଟେଲ ସାଇକ୍ରିଷ୍ଣା ରେ ଚଢାଉ କରି ୨ ହଜାର ଟଙ୍କା, ହୋଟେଲ ଅପସରା ରେ ଚଢାଉ କରି ୩ ହଜାର ଟଙ୍କା, ହୋଟେଲ ମହାରାଜା ରେ ଚଢାଉ କରି ୩ ହଜାର ଟଙ୍କା ଓ ଫ୍ରେଶ ବେକାରି ରେ ଚଢାଉ କରି ୧ ହଜାର ଟଙ୍କା ଜୋରି ମାନା ଆଦାୟ କରାଯାଇଥବା ଜଣାଯାଇଛି ।

## ସପ୍ତମ ଶ୍ରେଣୀ ଛାତ୍ରର ସନ୍ଦେହ ଜନକ ମୃତ୍ୟୁ

ଜୟପୁର,୩୦/୯ (ନି.ପ୍ର): ଜୟପୁର ପାରାବେଡା ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ମୃତ ଛାତ୍ର ଜଣକ ହେଉଛନ୍ତି ପାରାବେଡା ଶ୍ରୀରାମ ନଗରରେ ରହୁଥିବା ଶିବାଶିଷ ନାୟକ । ଆଜି ଅର୍ଦ୍ଧବାର୍ଷିକ ପରୀକ୍ଷା ଦେଇ ଘରକୁ ଫେରିଥିବା ବେଳେ ଶିବାଶିଷର ଶବ ଘର ଛାତ ଉପରେ ମିଳିଥିଲା । ଖବର ପ୍ରଚାରିତ ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଟାଉନ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

ମୃତ ଛାତ୍ର ଶିବାଶିଷଙ୍କ ବାପା ଗଦାଧର ନାୟକଙ୍କ ଅଭିଯୋଗ ଅନୁଯାୟୀ କିଛି ଦିନ ହେବ ଦଶହରା ପଡିଆରେ ରହୁଥିବା କିଛି ଅସମାଜିକ ଯୁବକ ତାଙ୍କ ନାବାଳକ ପୁଅକୁ ହଜାରେ ଟଙ୍କା ମାଗିବା ସହିତ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ପୁଅ ଘରେ କହିଥିବା ସେ ଅଭିଯୋଗ କରିଛନ୍ତି । ଏହାସହ ପୁଅ ତାଙ୍କ ପକେଟରୁ ୧ ହଜାର ଟଙ୍କା ଚୋରି କରି ସେହି ଯୁବକ ମାନଙ୍କୁ ଦେଇଥିବା ସେ ଅଭିଯୋଗ କରିଛନ୍ତି । ସେଥିପାଇଁ ପୁଅ ଭୟଭୀତ ଥିଲା । ସ୍କୁଲରୁ ଫେରିବା ପରେ ଶିବାଶିଷ ଘର ଛାତ ଉପରେ ମୁର୍ମୁଷ ଅବସ୍ଥରେ ପଡିଥିବାର ଦେଖାଯାଇଥିଲା । ପରେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଶିବାଶିଷର ବେକରେ ଚିହ୍ନ ରହିଥିବା ବେଳେ ପାଟିରୁ ପାଣି ବାହାରୁ ଥିବା ଦେଖିବାକୁ ମିଳିଛି ।ଏନେଇ ଜୟପୁର ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରୀ ସସ୍ମିତ ବେହେରା ସୂଚନା ଦେଇଛନ୍ତି । ଏହାର ଏକ ନିରେପକ୍ଷ ତଦନ୍ତ କରିବାକୁ ଦାବୀ ହୋଇଛି ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଗର୍ଭପାତ ଦିବସ ପାଳିତ

ସୁବର୍ଣ୍ଣପୁର,୩୦/୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅବସ୍ଥିତ ତାଲିମ କେନ୍ଦ୍ରରେ ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ୯ ସପ୍ତାହ ମଧରେ ବଟିକା ସେବନ ଦ୍ୱାରା, ୧୨ ସପ୍ତାହ ମଧରେ ଏମଭିଏ ପଦ୍ଧତି ଦ୍ୱାରା ଏବଂ ୧୨ରୁ ୨୪ ସପ୍ତାହ ମଧରେ ଅନୁମୋଦିତ ପଦ୍ଧତି ଦ୍ୱାରା ଗର୍ଭପାତ କରାଇବାର ପ୍ରାବଧାନ ସଂଶୋଧିତ ଗର୍ଭପାତ ଆଇନରେ ଉଲ୍ଲେଖ ଥିବା କଥା ସେ ଜଣାଇଥିଲେ । ଏହି ପାଳନସ୍ରୋବରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋଜ କୁମାର ଅଦାବର, ଜିଲ୍ଲା ରୋଗ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସୁରକ୍ଷିତ ଗର୍ଭପାତ ଓ ମାତୃସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରକାଶ ଦଣ୍ଡସେନା ସଂଶୋଧିତ ଗର୍ଭପାତ ଆଇନ ତଥା ସୁରକ୍ଷିତ ଓ ଆଇନଗତ ଗର୍ଭପାତ ସେବା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଗର୍ଭପାତ ପାଇଁ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ହିତାଧିକାରୀଙ୍କ ସହ ସର୍ବାଧିକ ଥର ଯାଇଥିବା ଆଶାକର୍ମୀ ବାସନ୍ତୀ ତାଣ୍ଡିଆ, ସୁରୁକୁନି ପାତ୍ର ଏବଂ ସୂର୍ଯ୍ୟକାନ୍ତି ମେହେରଙ୍କୁ ସୋନପୁରୀ ହସ୍ତତନ୍ତ ଶାଢୀ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିପିଏମ ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଆଶା ସଂଯୋଜକ ତରଣୀସେନ ପ୍ରଧାନ, ସଞ୍ଜୟ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସାହାଯ୍ୟ କରିଥିଲେ । ଜିଲ୍ଲା ହିସାବ ରକ୍ଷକ ସରୋଜ ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ, ସ୍ୱାସ୍ଥ୍ୟ ମିଶନର ପରିଚାଳକ, ଅଙ୍ଗନୱାଡି କର୍ମୀ, ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

## ମନ୍ତ୍ରୀ, ସାଂସଦଙ୍କ ଦ୍ୱାରା ୨.୮୪ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଭୁବନ,୩୦/୯ (ନି.ପ୍ର): ଭୁବନ ଏନଏସିର ଯୁବ ନଗରପାଳ ଯେଉଁ ବିକାଶର ନକ୍ସା ପ୍ରସ୍ତୁତ କରିଥିଲେ ସେଥିମଧ୍ୟରୁ ୨ କୋଟି ୮୪ ଲକ୍ଷ ଟଙ୍କା ବିନିମୟରେ ୧୦ଟି ନୂତନ ପ୍ରକଳ୍ପର ଉଦଘାଟନ ଓ ୬ଟି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସାଂସଦ ମହେଶ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଓ ସାଂସଦ ମହେଶ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ୧ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଦ୍ୟୁତ ଚାଳିତ ଶବଦାହ, ଆହାର କେନ୍ଦ୍ର ରୋଷଶାଳା, ୨ଟି କମ୍ୟୁନିଟି ସେଂଟର, ମିନିପାର୍କ, ବ୍ରହ୍ମାକୁମାରୀ ଆଶ୍ରମ ରାସ୍ତା ପ୍ରକଳ୍ପ ସକାଶେ ଶିଳାନ୍ୟାସ କରିଥିବାବେଳେ ୧ କୋଟି ୫୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମହିଳା ମହାବିଦ୍ୟାଳୟ ପାଠାଗାର, ଶ୍ରୀରାମ ପରିସରରେ ପାଦଚଲା ରାସ୍ତା, ସରସ୍ୱତୀ ଶିଶୁ ମନ୍ଦିର ଶ୍ରେଣୀ ଗୃହ, ହିଙ୍ଗୁଳା ମନ୍ଦିରରୁ ବୁଦ୍ଧେଶ୍ୱରକୁ ସଂଯୋଗୀକରଣ ରାସ୍ତା ଓ ୩ଟି କମ୍ୟୁନିଟି ଲାଟ୍ରିନକୁ ଉଦଘାଟନ କରିଥିଲେ । ପରେ ଭୁବନ ଏନଏସି ସଦଭାବନା ଗୃହରେ ୧୭ ଜଣ ବିଧବା ମହିଳାଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପନଗରପାଳ ମାନିନୀ ସାହୁ, ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

## ପତ୍ନୀ ଓ ପୁଅଝିଅଙ୍କୁ ହତ୍ୟା ମାମଲା: ଦୋଷୀକୁ ଆଜୀବନ ଜେଲ୍

ଗଞ୍ଜାମ,୩୦/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ଆଜି ୧୦ ବର୍ଷ ପୁରୁଣା ଏକ ଗଣହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ୨୦୧୨ ମସିହା ସୋରଡ଼ା ବ୍ଲକର ବଡଗଡ଼ ଥାନା ଅଧିନ ବେଲପଡ଼ା ଗ୍ରାମରେ ପତ୍ନୀ ଓ ଦୁଇ ପୁଅଝିଅଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ସୀମାଚଂଳ ନାଇକକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ୨୪ ଜଣଙ୍କ ସାକ୍ଷ୍ୟ, ପ୍ରମାଣକୁ ଭିତି କରି ଦୌରାଜଜ୍ ଦେବଦତ ପଟ୍ଟନାୟକ ଏହି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି । ଏହା ସହ ସୀମାଚଂଳକୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଛି । ଜୋରିମାନା ଅନାଦେୟ ତାଙ୍କୁ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ସୂଚନା ଅନୁସାରେ, ୨୦୧୨ ମସିହା ଫେବୃୟାରୀ ୧୭ ତାରିଖରେ ଅଭିଯୁକ୍ତ ସୀମାଚଂଳ ପାରିବାରିକ କଳହ ଯୋଗୁଁ ପତ୍ନୀ ଲକ୍ଷ୍ମୀ ନାଇକ, ୧୨ ବର୍ଷର ଝିଅ ଶିବାନୀ ଓ ୧୦ ବର୍ଷର ପୁଅ ଦୀପକଙ୍କୁ କଟୁରୀରେ ଅତ୍ୟନ୍ତ ବିଭତ୍ସ ଭାବେ ହାଣି ହତ୍ୟା କରିଥିଲା । ଏ ସଂକ୍ରାନ୍ତରେ ପୋଲିସ କେସ୍ ନଂ ୧୨/୧୨ ରେ ଏକ ମାମଲା ରୁଜୁ କରି ସୀମାଚଂଳକୁ ଗିରଫ କରି ସୋରଡ଼ା ଜେଏମଏଫସି କୋର୍ଟକୁ ଚାଲାଣ କରିଥିଲା । ଭଞ୍ଜନଗର ଏଡିଜେ କୋର୍ଟରେ କେସ୍ ନଂ ଏସଟି ୪୩/୧୨ ମାମଲାରେ ଶୁଣାଣି ଚାଲିଥିଲା । ମାମଲାର ଶୁଣାଣି କରି କୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି ।

## କନିଷ୍ଠ ରେଡକ୍ରସ ଲେଲେକଚର୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଘଟଗାଁ,୩୦/୯ (ନି.ପ୍ର): ଭାରତୀୟ ରେଡକ୍ରସ୍ ସଂସ୍ଥା ଓଡିଶା ରାଜ୍ୟ ଶାଖା ଦ୍ୱାରା ଆୟୋଜିତ ତିନି ଦିନିଆ ପ୍ରାଥମିକତା ସହାୟତା ପ୍ରଶିକ୍ଷଣ ଶିବିର କେନ୍ଦୁଝରସ୍ଥିତ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ମାସ ୨୭ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଉଦଯାପିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ରେଡକ୍ରସ ଯୁଗ୍ମ ସଂପାଦକ ଏ.ଆର.ଖାନ(ଟୁନା) ଉଦଘାଟନ କରିବା ସହ ଅଧକ୍ଷତା କରିଥିଲେ । ପ୍ରଶିକ୍ଷଣ ଶିବିରରେ କେନ୍ଦୁଝର, ଦେବଗଡ, ଝାରସୁଗୁଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ଜୁନିୟର ରେଡକ୍ରସ କାଉନସିଲର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଓ ବକ୍ତା ଭାବେ ପ୍ରଧାନ ଶିକ୍ଷୟତ୍ରୀ ତୃପ୍ତିମୟୀ ପାତ୍ର, ଜିଲ୍ଲା ଶାରିରୀକ ପ୍ରଶିକ୍ଷଣ ଅଧିକାରୀ ଡମ୍ବରୁଧର ମହାନ୍ତ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ । ଉଦଯାପନୀ ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ପରିଦର୍ଶନ କରି କାର୍ଯ୍ୟକ୍ରମକୁ ଅନୁଧାନ କରି ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଲେଲେକ୍ଚର୍ ଗଣ ନିଜ ନିଜର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ । ଶେଷ ଦିବସରେ ଶିକ୍ଷାର୍ଥୀମାନଙ୍କୁ ପରୀକ୍ଷା କରାଯାଇ ଉତୀର୍ଣ୍ଣ ଶିକ୍ଷାର୍ଥୀମାନଙ୍କୁ ରାଜ୍ୟ ଶାଖା ପକ୍ଷରୁ ଲେଲେକ୍ଚର୍ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସଂଗ୍ରହ ହେଲା ପବିତ୍ର ମାଟି ଓ ଜଳ

କେନ୍ଦୁଝର ,୩୦/୯ (ନି.ପ୍ର): ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀ କୁ ଅଧିକ ସ୍ମରଣୀୟ କରିବା ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତିନୁଶାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଙ୍କ ଆଦର୍ଶ , ସ୍ୱାଧୀନତା ସଂଗ୍ରାମ ଅହିଂସାନୀତି ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ଗତ ସ୍ୱାଧୀନତା ଦିବସ ଅବସରରେ ୪ ଟି ଅହିଂସା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏହି ଅହିଂସା ରଥ ମାନ ଓ ଡିଶା ପରିକ୍ରମା କରି ସ୍ୱାଧୀନତା ସଂଗ୍ରାମ ଓ ଅହିଂସା ମନ୍ତ୍ରର ଗାଥା ବାର୍ଟ୍ଟ ଚାଲିଛି । ସେପ୍ଟେମ୍ବର ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଦୁଇଟି ଅହିଂସା ରଥ କେନ୍ଦୁଝର ଜିଲ୍ଲା ପରିକ୍ରମା କରିଥଲା । ଏହି ଅହିଂସା ରଥକୁ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି ଯାହାକି ଦେଶ ପ୍ରେମର ପରିଚାୟକ ହୋଇଛି । ଆଗାମୀ ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଅହିଂସା ରଥ ରାଜ୍ୟ ପରିକ୍ରମା ସାରି ଲୋକସୋବା ଭବନରେ ପହଂଚିବ । ଏହି ଅବସରରେ ଲୋକସେବା ଭବନ ପରିସରରେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ସ୍ମାରକୀ ସ୍ୱରୂପ ଅଶ୍ୱତଥ ବୃକ୍ଷ ଚାରା ରୋପଣ କରାଯିବ । ଏଥି ନିମନ୍ତେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ଯେଉଁଠାକୁ ମହାତ୍ମା ଗାନ୍ଧୀ ଯାତ୍ରା କରିଥିଲେ କିମ୍ବା ଯେଉଁ ସ୍ଥାନ ସ୍ୱାଧୀନତା ସଂଗ୍ରାମ ସହ ଜଡିତ ଥିଲା ସେହି ସ୍ଥାନ ମାନଙ୍କରୁ ପବିତ୍ର ମାଟି ଓ ବିଭିନ୍ନ ପବିତ୍ର ନଦୀର ପୂଣ୍ୟ ଜଳରାଶି ବ୍ୟବହୃତ ହେବ । ଏ ସଂପର୍କରେ ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକାନୁଯାୟୀ କେନ୍ଦୁଝର ଜିଲ୍ଲାରୁ ପବିତ୍ର ମାଟି ଓ ପୁଣ୍ୟ ଜଳରାଶି ସଂଗ୍ରହ କରାଯାଇ ରାଜ୍ୟ ରାଜଧାନୀ ଭୁବନେଶ୍ୱର ପଠାଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ , ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ ସଂଜୀବ ବାରିକ ବୁଧବାର ଦିନ ପବିତ୍ର ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାରୁ ପୂଜାର୍ଚ୍ଚନା ପରେ ପୂଣ୍ୟ ଜଳ ରାଶି ସଂଗ୍ରହ କରିଥିଲେ । ଏହାପରେ ଶ୍ରୀ ବଳଦେବ ଜୀଉଙ୍କର ପବିତ୍ର ପୀଠସ୍ଥଳୀ ତଥା ସ୍ୱାଧୀନତା ଆନ୍ଦୋଳନ ସହ ଜଡିତ ଗଡ ପୁରୁଣା ସହରରେ ପୂଜାର୍ଚ୍ଚନା କରାଯାଇ ପବିତ୍ରମାଟି ସଂଗ୍ରହ କରାଯାଇଥିଲା । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ,କେନ୍ଦୁଝର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ , କେନ୍ଦୁଝର ଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ମଧୁସ୍ମିତା ସାମନ୍ତରାୟ , ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ମାଟି ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଜନ ସାଧାରଣ ଅଂଶ ଗ୍ରହଣ କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଶ୍ୱ ହୃତପିଣ୍ଡ ଦିବସ ପାଳିତ

ସୁବର୍ଣ୍ଣପୁର ,୩୦/୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତିଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଜିଲ୍ଲାସ୍ତରୀୟ ''ବିଶ୍ୱ ହୃତପିଣ୍ଡ ଦିବସ'' ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ଗୁରୁ, ଜିଲ୍ଲା ରୋଗ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢୀ ପ୍ରମୁଖ ଯୋଗଦେଇ ସୁସ୍ଥ ହୃଦୟ ପାଇଁ ଉତ୍ତମ ଜୀବନଶୈଳୀ ଆପଣାଇବା ଉଚିତ ବୋଲି ଉଲ୍ଲେଖ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡାକ୍ତର ଜିତାରାମ ବିଦ୍ ବକ୍ତା ଭାବେ ଯୋଗଦେଇ ସୁସ୍ଥ ହୃଦୟ ପାଇଁ ସନ୍ତୁଳିତ ଆହାର, ବ୍ୟାୟାମ, ଟୋବାକୋ ତ୍ୟାଗ, ଯୋଗ, ସନ୍ତୁଳିତ ରକ୍ତଚାପ ଏବଂ ଉତ୍ତମ ନିଦ୍ରାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମତି ତରଫରୁ ନିଆଯାଇଥିବା ବିଭିନ୍ନ ସଚେତନଧର୍ମୀ ପଦକ୍ଷେପ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।ଅଣସଂକ୍ରାମକ ରୋଗ ସହକାରୀ ପରିଚାଳକ ଗୀତାଞ୍ଜଳି ମେହେର ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲାସ୍ତରରେ ଅନ୍ୟମାନଙ୍କ ମଧ୍ୟରେ ଏପିଡେମିଓଲୋଜିଷ୍ଟ ଡାକ୍ତର ବିଷ୍ଣୁଚରଣ ମାଝି, ଡିଡିଏମ୍ ପ୍ରଦୀପ କୁମାର ସାହୁ, ଓ ଆଶା ମେନେଜର ତରଣୀସେନ ପ୍ରଧାନ ପ୍ରମୁଖ ଯୋଗଦେଇଥିବା ବେଳେ ଭାର୍ଚୁଅଲ ମୋଡରେ ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଅଙ୍ଗନବାଡି କର୍ମୀମାନେ ଯୋଗ ଦେଇଥିଲେ ।

## ନିଯୁକ୍ତି ଭିତିକ ତାଲିମ ପରେ ୧୯ ଜଣଙ୍କୁ ନିଯୁକ୍ତି

କେନ୍ଦ୍ରାପଡ଼ା,୩୦/୯ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓଡିଶାସ ସରକାରଙ୍କ ତରଫରୁ ନିଯୁକ୍ତି ଭିତିକ ଦକ୍ଷତା ବୃଦ୍ଧି ତାଲିମ ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲାର ୧୯ଜଣ ଯୁବକଙ୍କୁ ବାଙ୍ଗାଲୁର ସ୍ଥିତ ମଦରସନ ସୁମି ୱାରିଙ୍ଗ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ବିଜୁ ଦକ୍ଷତା ବିକାଶ କେନ୍ଦ୍ରରେ କନିଷ୍ଠ ବିଦ୍ୟୁତ୍ ଟ୍ରେଡରେ ତାଲିମ ସମାପ୍ତପରେ ତାଲିମ ପ୍ରଦାନକାରୀ ସଂସ୍ଥା ଓଜିର ଆଡଭାଇଜର ସ୍କିଲ୍ସ ରେ ୧୯ଜଣ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ।

# ଫ୍ୟାସନ ହେଲା ଫେସ୍ ମାସ୍କ

**କରୋନାରୁ ବଞ୍ଚିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ମେଡିକାଲ ଇକ୍ୱିପମେଣ୍ଟର ସାହାରା ନେଉଛନ୍ତି । ସେଥିରୁ ଫେସି ମାସ୍କ ଗୋଟିଏ । ଘରୁ ବାହାରିବା ସମୟରେ ଫେସ୍ ମାସ୍କ ପିନ୍ଧିବା ଏବେ ଜରୁରି ହୋଇଯାଇଛି । ତେଣୁ ବଜାରକୁ ଏବେ ବିଭିନ୍ନ ଡିଜାଇନ୍‌ର ଫେସ୍ ମାସ୍କ ଆସୁଛି ।**



### ଫ୍ୟାସନ ସହ ସୁରକ୍ଷା :

ଏବେ ଅନଲାଇନ୍‌ରେ ବିଭିନ୍ନ ପ୍ରକାର ଡିଜାଇନର ଫେସ୍ ମାସ୍କ ମିଳୁଛି । ଯାହା ଦେଖିବାକୁ ସୁନ୍ଦର ଏବଂ ପିନ୍ଧିବାକୁ ଆରାମଦାୟକ । ଯେମିତିକି କାର୍ଟୁନ୍ ମାସ୍କ, ବ୍ରାଇଡାଲ ମାସ୍କ, ଫ୍ଲୋରାଲ ପ୍ରିଣ୍ଟ ମାସ୍କ ଆଦି । ଏହି ମାସ୍କକୁ ଲେୟାର୍ସ ସହିତ ତିଆରି କରାଯାଉଛି । କରୋନା ମହାମାରୀ ସମୟରେ ଅନେକ ଡିଜାଇନ୍‌ର ଡ୍ରେସ୍ କରିବା ସହିତ ମାସ୍କ ଡିଜାଇନ୍ ମଧ୍ୟ କରୁଛନ୍ତି । ଯେଉଁଥିପାଇଁ ମାସ୍କ ମଧ୍ୟ ଏବେ ଫ୍ୟାସନ୍ ଟ୍ରେଣ୍ଡ୍ ବନିଛି ।

### ଡ୍ରେସ୍ ସହ ମ୍ୟାଚିଙ୍ଗ୍ ମାସ୍କ :

କରୋନା ସମୟରେ ଗୋଟିଏ ପଟେ ମାସ୍କ ପିନ୍ଧିବା ଜରୁରି ହୋଇ ପଡ଼ିଥିବା ବେଳେ ଅନ୍ୟ ପଟେ ମହିଳାମାନେ ଫ୍ୟାଶନ୍ ପ୍ରତି ଧ୍ୟାନ ଦେବାକୁ ଭୁଲି ନାହାନ୍ତି । ଫ୍ୟାଶନେବଲ ଦିଶିବା ପାଇଁ ଡ୍ରେସ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ବ୍ୟବହାର କରୁଛନ୍ତି । ଆଉଟଫିଟ୍ ସହିତ ମ୍ୟାଚିଙ୍ଗ୍ ମାସ୍କ ଷ୍ଟାଇଲିଶ୍ ଏବଂ କୁଲ୍ ଲୁକ୍ ଦେଉଛି ।



### କାର୍ଟୁନ୍ ମାସ୍କ :

ପିଲାମାନେ ମାସ୍କ ପିନ୍ଧିବାକୁ ଭଲ ପାଆନ୍ତି ନାହିଁ । କିନ୍ତୁ ସେମାନଙ୍କୁ କାର୍ଟୁନ ମାସ୍କ ପିନ୍ଧିବାକୁ ନିଶ୍ଚୟ ଭଲ ଲାଗିବ । ମାସ୍କ ଉପରେ ସେମାନଙ୍କ ମନପସନ୍ଦ କାର୍ଟୁନ୍ ଚରିତ୍ର ଡିଜାଇନ କରାଯାଉଛି । ଯେଉଁଥିପାଇଁ ଛୋଟ ପିଲାମାନେ ଆକର୍ଷିତ ହୋଇ ମାସ୍କ ପିନ୍ଧିବାକୁ ଆଗ୍ରହ କରିବେ ।

### ନେଟ୍ ମାସ୍କ :

ନେଟ୍‌ରୁ ମଧ୍ୟ ଷ୍ଟାଇଲିଶ୍ ମାସ୍କ ତିଆରି ହେଉଛି । ଏହାକୁ ଯେତେଦିନ ଚାହିଁବେ ପିନ୍ଧିପାରିବେ । ଏବେ ଆପଣ ଭାବୁଥିବେ ନେଟ୍ ମାସ୍କ ପିନ୍ଧିବାର କ'ଣ ଫାଇଦା ଅଛି ? କିନ୍ତୁ ନେଟ୍ କପଡ଼ା ଭିତରେ କଟନ୍ ଏବଂ ସିଲ୍କ କପଡ଼ାର ବ୍ୟବହାର କରାଯାଉଛି । ତେଣୁ ଏହି ଡିଜାଇନ୍‌ର ମାସ୍କ ପିନ୍ଧିବାରେ କୌଣସି ଅସୁବିଧା ନାହିଁ । ବରଂ ନେଟ୍ ଭିତରେ ଥିବା ସୂତା କପଡ଼ାର ପରସ୍ତ ଗରମରୁ ଆରାମ ଦେଇଥାଏ ।





### ଫ୍ଲୋରାଲ ପ୍ରିଣ୍ଟ୍ ମାସ୍କ :

ମହିଳାଙ୍କୁ ଫ୍ଲୋରାଲ ପ୍ରିଣ୍ଟ୍ ବହୁତ ପସନ୍ଦ । ଫ୍ଲୋରାଲ ଡିଜାଇନ୍‌ର ପୋଷାକ ହେଉ ବା ସୁଟ୍, ଫ୍ୟାଶନେବଲ ଲୁକ୍ ଦେଇଥାଏ । ତେଣୁ ଏହି ଡିଜାଇନ୍‌କୁ ମାସ୍କରେ ବି ସାମିଲ କରାଯାଇଛି । ଏହି ମାସ୍କକୁ ଥ୍ରି ଲେୟାର ଡିଜାଇନ୍‌ରେ ତିଆରି କରାଯାଉଛି, ଯାହାକୁ ପିନ୍ଧିବା ପରେ ସଂକ୍ରମଣର ବିପଦ ନଥାଏ । ଗରମ ଦିନେ ଫ୍ଲୋରାଲ ପ୍ରିଣ୍ଟ୍ ପୋଷାକ ଏବଂ ମାସ୍କକୁ ମ୍ୟାଚ କରି ପିନ୍ଧିପାରିବେ ।





### ବ୍ରାଇଡାଲ ମାସ୍କ :

କରୋନା ସମୟରେ ମଧ କପଲ୍ ବିବାହ କରୁଛନ୍ତି । କିନ୍ତୁ କଟକଣା ଭିତରେ । ମୁହଁରେ ମାସ୍କ ପିନ୍ଧୁଛନ୍ତି ଏବଂ ସାମାଜିକ ଦୂରତା ମାନୁଛନ୍ତି । ଯେଉଁଥିପାଇଁ ବ୍ରାଇଡାଲ ପୋଷାକକୁ ମ୍ୟାଚ୍ କରି ଫେସ୍ ମାସ୍କ ତିଆରି କରାଯାଉଛି । ମାସ୍କ ଉପରେ ଜର୍ଜେଟ ୱାର୍କ ରହୁଛି । ଏହା ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ ।



# ୩ଡି ଆର୍ଟ ମ୍ୟୁଜିୟମ୍



ବିଶ୍ୱରେ ବିଭିନ୍ନ ମ୍ୟୁଜିୟମ୍ ରହିଛି । ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଶୈଳୀର ଜିନିଷକୁ ସଂଗ୍ରହ କରାଯାଇ ମ୍ୟୁଜିୟମ୍ ତିଆରି କରାଯାଇଛି । ପୁରାତନ ଯୁଗରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଜିନିଷ ମ୍ୟୁଜିୟମ୍‌ରେ ସ୍ଥାନିତ ଅଛି । କିନ୍ତୁ ଏମିତି ଏକ ନିଆରା ମ୍ୟୁଜିୟମ୍ ଅଛି



ଯାହାକୁ ଦେଖିବାକୁ ଯେ କେହି ଉତ୍ସାହିତ ହୋଇଉଠିବେ । ଏହା ବିଶ୍ୱର ପ୍ରଥମ ୩-ଡି ମ୍ୟୁଜିୟମ୍ । ଫିଲିପାଇନ୍‌ସ୍‌ସ୍ଥ ମାନିଲାର ଉତ୍ତର ଦିଗରେ ଥିବା ଏହି ୩-ଡି ମ୍ୟୁଜିୟମ୍‌ର ନାଁ ହେଉଛି 'ଆର୍ଟ ଇନ୍ ଆଇଲାଣ୍ଡ୍' । ଏହି ମ୍ୟୁଜିୟମ୍‌ରେ ୫୦ରୁ ଅଧିକ ୩-ଡି ପାଟେରି ରହିଛି । ଏହାକୁ ଦକ୍ଷିଣ କୋରିଆରେ ୧୮ ଜଣ ମାଷ୍ଟର ପେଣ୍ଟର୍ସ ଟିମ୍ ଦ୍ୱାରା ତିଆରି କରାଯାଇଛି । ୩-ଡି ମ୍ୟୁଜିୟମ୍‌ଟି ବିଶ୍ୱ ପ୍ରସିଦ୍ଧ ।

# ମା'ଲକ୍ଷ୍ମୀଙ୍କ ନାମରେ ଜାପାନୀ ସହର

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଏକ ଛୋଟ ସହର ହେଉଛି କିଚିଜୋଜି । ଜାପାନୀ ଭାଷାରେ କିଚିକୋଜିର ଅର୍ଥ ହେଉଛି ମା'ଲକ୍ଷ୍ମୀ । ସ୍ଥାନୀୟ ଅଞ୍ଚଳର ଲୋକ ଏ ବାବଦରେ ପର୍ଯ୍ୟଟକଙ୍କୁ ଅବଗତ କରାଇଥାନ୍ତି । ନିକଟରେ ଜାପାନର ଜନୈକ ଗବେଷକ ବେଙ୍ଗାଲୁରୁରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଆସିଥିବାବେଳେ ଏଇ ଜାପାନୀ ସହରର ନାମ ସମ୍ପର୍କିତ ସମସ୍ତ ତଥ୍ୟ ଦେଇଥିଲେ । ଜାପାନରେ ଏଭଳି ସଂଖ୍ୟାଧିକ ମନ୍ଦିର ଅଛି, ଯେଉଁଗୁଡ଼ିକ ହିନ୍ଦୁ ଦେବଦେବୀଙ୍କୁ ସମର୍ପିତ ବୋଲି ସେଠା ଲୋକ ପ୍ରକାଶ କରିଛନ୍ତି । ଗବେଷକଙ୍କ କହିବାନୁସାରେ, ଜାପାନର ପ୍ରାଚୀନ ଭାଷା ମଧ୍ୟ ସଂସ୍କୃତରୁ ଉଦ୍ଧୃତ । ଏହା ସହ ଜାପାନର ପ୍ରାୟ ୫୦୦ ଶବ୍ଦ ସଂସ୍କୃତ ଓ ତାମିଲ ଭାଷାର ମିଳନରୁ ଉତ୍ପତ୍ତି ହୋଇଥିବାର ଜଣାପଡ଼ିଛି । ଭାରତୀୟ ପରମ୍ପରା, ପୂଜାକୁ ଜାପାନୀମାନେ ଖୁବ୍ ସମ୍ମାନ ଦେଇଥାନ୍ତି ।



## ୨୫୦୦ ବର୍ଷ ପୁରୁଣା ସ୍ମରଣ ପୁସ୍ତିକାରୁ ହେଲା ଖୁଲାସା

ଗ୍ରୀସ୍‌ରେ ୨୫୦୦ ବର୍ଷ ପୂର୍ବେ ଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ଘୃଣା କରୁଥିବା ବ୍ୟକ୍ତି ତାଙ୍କ ମୃତ୍ୟୁ ପରେ ମଧ୍ୟ ନିନ୍ଦା କରୁଥିବା ଭଳି ତଥ୍ୟ ଜଣାପଡ଼ିଛି । ଏହି ଖୁଲାସା ପ୍ରାଚୀନ ଏଥେନ୍ସର ୨୫୦୦ ବର୍ଷ ପୁରୁଣା ୩୨ ଫୁଟ ଗଭୀର ଏକ କୁଆଁରୁ ୩୦ ଗୋଟି ସ୍ମରଣ ପୁସ୍ତିକା (ଟାବ୍‌ଲେଟ୍) ମିଳିବା ପରେ ଜଣାପଡ଼ିଛି । ଏଥିରେ ସେମାନେ ମୃତକଙ୍କ ବିଷୟରେ ଲେଖିଥିବା ଅଭିଶାପ ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ସ୍ମରଣ ପୁସ୍ତିକାକୁ 'ଗଡ୍‌ସ ଅଫ୍ ଦ ଅଣ୍ଡରୱାର୍ଲ୍ଡ' ନାମରେ ମଧ୍ୟ ଜଣାଯାଏ । ବ୍ରିଟିଶ୍ ମିଡିଆ ରିପୋର୍ଟ ଅନୁସାରେ, ଏହି ଅଭିଶାପ ନୀତି ନିୟମର ଅଂଶବିଶେଷ ଥିଲା । ସ୍ମରଣ ପୁସ୍ତିକାରେ ଲୋକେ ନିଜର ବିରୋଧି (ଅକାଳ ମୃତ୍ୟୁ ହୋଇଯାଉଥିବା ଲୋକ)ଙ୍କ ପାଇଁ ବାର୍ତ୍ତା ଲେଖୁଥିଲେ । ଏଥିରେ ବିରୋଧୀଙ୍କ ନାମ ଉଲ୍ଲେଖ ହେଉନଥିଲା । କେବଳ ଅଭିଶାପ ଦିଆଯାଉଥିବା ବ୍ୟକ୍ତିଙ୍କ ନାମ ଏଥିରେ ଉଲ୍ଲେଖ କରାଯାଉଥିଲା । ବିଶେଷଜ୍ଞଙ୍କ ମତରେ ମୃତକଙ୍କୁ ଅଭିଶାପ ଦେବାରେ ଚାରୋଟି କାରଣ ଥିବା ଦର୍ଶାଇଛନ୍ତି । ଏଗୁଡ଼ିକ କୌଣସି ମକଦ୍ଦମା ଜିତିବା, ବାଣିଜ୍ୟରେ ସଫଳତା ହାସଲ କରିବା, ଆଥୋଲେଟିକ୍ସ ପ୍ରତିଯୋଗିତା ଜିତିବା, ପ୍ରେମ ଓ ଘୃଣା ମାମଲା ହୋଇଥାଇପାରେ । ସ୍ମରଣ ପୁସ୍ତିକା ମିଳିଥିବା କୁଅଁଟି ବହୁ ପୁରାତନ ଗାଧୁଆ ଘରର ଅଂଶ ଅଟେ ।

## ବାସ୍ତୁ ବିଚାରରେ ଗ୍ୟାରେଜ

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଚାରିଚକିଆ ଯାନର ବ୍ୟବହାର ଅଧିକ । ଅଧିକାଂଶ ଲୋକ ନିଜ ସୁବିଧା ପାଇଁ ଗାଡ଼ି ତ କିଣନ୍ତି, ହେଲେ ତା' ପୂର୍ବରୁ ତାକୁ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣଣ କରନ୍ତି ନାହିଁ । ଗାଡ଼ି, କିଣି ସାରିବା ପରେ ମନଇଚ୍ଛା ସ୍ଥାନରେ ଗ୍ୟାରେଜ ନିର୍ମାଣ କରନ୍ତି । ଭୁଲିବା ଉଚିତ୍ ନୁହେଁ ଯେ ଆମେ ବ୍ୟବହାର କରୁଥିବା ଅନ୍ୟ ସମସ୍ତ ବସ୍ତୁ ଓ ଦ୍ରବ୍ୟ ପରି ଗାଡ଼ିର ମଧ୍ୟ ଉଭୟ ନକରାତ୍ମକ ଓ ସକରାତ୍ମକ ଶକ୍ତି ରହିଛି । ସେଥିପାଇଁ ଗାଡ଼ି କିଣିବା ପରେ ଅଧିକାଂଶ କ୍ରେତା ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ, ତେଣୁ ଗାଡ଼ି କିଣିବା ପୂର୍ବରୁ ପ୍ରଥମେ ତା' ପାଇଁ ବାସ୍ତୁ ତ୍ରୁଟୀରହିତ ସ୍ଥାନ ନିରୂପଣ କରିବା ସହ ବାସ୍ତୁ ପରାମର୍ଶ ଗ୍ରହଣ କରିବା ଉଚିତ୍ ।

**ପରାମର୍ଶ :**

୧.ଗ୍ୟାରେଜ ପାଇଁ ଘରର ଉତ୍ତର-ପଶ୍ଚିମ ଦିଗ ସର୍ବୋତ୍ତମ ।
୨. ଗ୍ୟାରେଜ ଭିତରେ ଗାଡ଼ିର ମୁହଁ ପୂର୍ବ ଦିଗକୁ ରହିବା ଉଚିତ୍ ।
୩. ପାର୍କ କରିବା ପରେ ଗ୍ୟାରେଜ ଚାରିପଟେ ଯେପରି ପର୍ଯ୍ୟାପ୍ତ ସ୍ଥାନ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।
୪. ଗ୍ୟାରେଜର ଚଟାଣ ପୂର୍ବ ବା ଉତ୍ତର ଦିଗକୁ ସାମାନ୍ୟ ଗଡ଼ାଣି ରହିବା ଉଚିତ୍ ।
୫. ଗ୍ୟାରେଜର ପ୍ରବେଶ ଦ୍ୱାର ଉତ୍ତର କିମ୍ବା ପୂର୍ବ ମୁହାଁ ହେଲେ ଭଲ ।



## ୟୁ-ଟ୍ୟୁବ୍ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନ ଖୁସି




ଆମେରିକାର କାଲିଫର୍ଣ୍ଣିଆସ୍ଥିତ ସାନବ୍ରୁନୋରେ ୟୁ-ଟ୍ୟୁବ୍ ମୁଖ୍ୟ କାର୍ଯ୍ୟାଳୟ ରହିଛି । ଚାଡ୍ ହୁର୍ଲେ, ଷ୍ଟିଭେନ୍ ଚେନ୍, ଜାବେଦ୍ କରିମ୍ ୨୦୦୫ ଫେବୃଆରୀରେ ଏହି ୟୁ-ଟ୍ୟୁବ୍‌ର ଆରମ୍ଭ କରିଥିଲେ । ଇତିମଧ୍ୟରେ ୟୁ-ଟ୍ୟୁବ୍ ପ୍ରତିଷ୍ଠା ହେବାର ୧୫ ବର୍ଷ ଅତିବାହିତ ହୋଇଗଲାଣି । ପ୍ରତିଷ୍ଠାତାମାନେ ସେମାନଙ୍କ କର୍ମଚାରୀଙ୍କ କାମ କରିବାର ଶୈଳୀ ବାବଦରେ ଖୁବ୍ ସଚେତନ । ଅଧିକାଂଶ କର୍ମଚାରୀଙ୍କୁ ୧୧-୧୨ ଘଣ୍ଟା ନିରନ୍ତର କାମ କରିବାକୁ ପଡ଼େ । ସେମାନେ ଯେପରି ମାନସିକ ଭାବେ ଭାରାକ୍ରାନ୍ତ ନ ହୁଅନ୍ତି, ଏଥିପାଇଁ ମାଲିକମାନେ ସବୁ ସମୟରେ ସତର୍କ । କାମ କରୁଥିବା ସମୟରେ ମନୋରଞ୍ଜନ ପାଇଁ କର୍ମଚାରୀ କିଛି ସମୟ ଆରାମ କରିପାରିବେ । ଏହା ସହ ସେମାନେ କାର୍ଯ୍ୟାଳୟରେ ଯିବାଅସିବା ସମୟରେ ପାହାଚ, ଲିଫ୍ଟ କିମ୍ବା ସ୍ଲାଇଡର୍ ବ୍ୟବହାର କରିପାରିବାର ବ୍ୟବସ୍ଥା ଅଛି । ସ୍ଲାଇଡର୍ (ଖସଡ଼ା)ର ବ୍ୟବସ୍ଥା ହେବା ପରେ ପ୍ରତ୍ୟେକ କର୍ମଚାରୀ ଏହି ବାଟ ଦେଇ ଓହ୍ଲାଇଥିଲେ । କେତେଜଣ କର୍ମଚାରୀଙ୍କ ମତରେ ପୂରା ଦିନର ଖଟଣି ପରେ ଖସଡ଼ାରେ ଖସି ଆସିଲେ ଖୁବ୍ ମଜା ଲାଗିଥାଏ । କାମର ଚାପ ମଧ୍ୟ ଭୁଲି ହୋଇଯାଏ ବୋଲି କେତେଜଣ କର୍ମଚାରୀ କହିଛନ୍ତି ।



## ମକା ଓ ଗ୍ଲିସେରିନ୍‌ରୁ ପ୍ଲାଷ୍ଟିକ୍

ରାୟପୁରସ୍ଥିତ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ର ତିନିଜଣ ଛାତ୍ର ମକା ଗ୍ଲିସେରିନରୁ ପ୍ରସ୍ତୁତ କରିଛନ୍ତି ଏକ ପ୍ରକାର ପ୍ଲାଷ୍ଟିକ । ଏହା ମାଟିରେ ବର୍ଷକ ମଧ୍ୟରେ ପୂରା ବିଘଟିତ ହୋଇପାରୁଛି । ଏହି ପ୍ଲାଷ୍ଟିକ ପରିବେଶ ପାଇଁ ବି କୌଣସି କ୍ଷତି ପହଞ୍ଚାଇବ ନାହିଁ ବୋଲି କୁହାଯାଇଛି । ଛାତ୍ରମାନେ ସେମାନଙ୍କ ଟିମ୍‌ର ନାମ ରଖିଛନ୍ତି 'ରିକଭର୍ସ' ଓ ଏହାର ମୁଖ୍ୟ ନିଖିଲ ବର୍ମା ରହିଥିବାବେଳେ ଏଥିରେ କୃଷ୍ଣେନ୍ଦୁ ଓ ନିହାଲ ପାଣ୍ଡେ ରହିଛନ୍ତି । ପରିବେଶକୁ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକ୍ ଆବିଷ୍କାର କରିଛନ୍ତି ବୋଲି କୁହନ୍ତି ନିଖିଲ । ବଜାରରେ ଉପଲବ୍ଧ ହେଉଥିବା ପ୍ଲାଷ୍ଟିକ୍‌ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ । ଏବେ ଉପଲବ୍ଧ ପ୍ଲାଷ୍ଟିକ୍ ବିଘଟିତ ହେବା ପାଇଁ ଶହେବର୍ଷ ଲାଗୁଥିବା ବେଳେ ଏହି ପ୍ଲାଷ୍ଟିକ ମାଟିରେ ଶତ ପ୍ରତିଶତ ମିଶିଯିବ ବୋଲି କହିଛନ୍ତି ନିଖିଲ । ଏହାର ଦାମ୍ ବି କମ୍ ରହିବ । ୩ ମାସ ମଧ୍ୟରେ ପ୍ରସ୍ତୁତ କରାଯାଇଥିବା ଏହି ପ୍ଲାଷ୍ଟିକ୍ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବିକଳ୍ପ ହୋଇପାରିବ ବୋଲି କୁହାଯାଇଛି । ଏନ୍‌ଆଇଟି ଲାବରେଟୋରିରେ ଏହାକୁ ପରୀକ୍ଷା କରାଯାଇଛି ଓ ଏଥିରେ ସଫଳତା ମଧ୍ୟ ମିଳିଛି । ଏହି ପ୍ଲାଷ୍ଟକ୍‌କୁ ବଜାରରେ ଉପଲବ୍ଧ କରିବା ସେମାନଙ୍କ ଲକ୍ଷ୍ୟ ରହିଛି ବୋଲି କୁହନ୍ତି ନିଖିଲ । ଏହି ଆବିଷ୍କାର ଲାଗି ଏନଆଇଟିରେ ଆୟୋଜିତ ପୁକାର ଗୋ ଗ୍ରୀନ୍ ଫେଷ୍ଟରେ ରିକଭର୍ସକୁ ପୁରସ୍କାର ମିଳିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ନୂଆ ଘଟଣା...

ଅଧ୍ୟକ୍ଷ ପଦ ପାଇଁ ହେବାକୁ ଥିବା ନିର୍ବାଚନକୁ ନେଇ ଏବେ କଂଗ୍ରେସ ଦଳରେ ଗୋଟିକ ପରେ ଗୋଟିଏ ନୂଆ ନୂଆ ଘଟଣା ଘଟବାରେ ଲାଗିଛି । ସେଥିରେ ନୂଆ ନୂଆ ଚେହେରାମାନ ନଜରକୁ ଆସୁଛନ୍ତି । ଦଳର ନୂତନ ଅଧ୍ୟକ୍ଷ ପାଇଁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନାମ ଗତ କିଛିଦିନ ଧରି ଶୁଣାଯାଉଥିଲେ ସୁଦ୍ଧା ଗୁରୁବାର ଦନ ଶ୍ରୀ ଗେହଲଟ ହାଇକମାଣ୍ଡ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କୁ ଭେଟିବା ପରେ ଏହି ଦୌଡ଼ରୁ ଓହରି ଯାଇଛନ୍ତି । ଅର୍ଥାତ୍, ସେ ଏବେ ଏହି ପଦପାଇଁ ଆଉ ପ୍ରାର୍ଥୀ ହେବେ ନାହିଁ କିମ୍ବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ । ଏହାପରେ ଦଳର ବର୍ଷିଆନ୍ ନେତା ଦିଗ୍‌ବିଜୟ ସିଂହ ପ୍ରାର୍ଥୀ ହେବାକୁ ଘୋଷଣା କରିଛନ୍ତି । ତାଙ୍କ ସହିତ ଅନ୍ୟତମ ନେତା ଶଶି ଥରୁର ମଧ୍ୟ ପ୍ରାର୍ଥୀ ହେବେ ବୋଲି ଜଣାପଡ଼ିଛି । କିନ୍ତୁ ଯେଉଁ ପରିସ୍ଥିତିରେ ଅଶୋକ ଗେହଲଟ୍ ଏହି ପ୍ରତିଯୋଗିତାରୁ ଓହରି ଯାଇଛନ୍ତି ତାହା ସମସ୍ତଙ୍କୁ ବେଶ୍ କିଛି ବାର୍ତ୍ତା ଦେଇଛି । ପୁଅ ମୁଣ୍ଡରେ ହାତ ଓ ତେଲ ଘଡ଼ିରେ ହାତ ବୋଲି ଓଡ଼ିଆରେ ଯେଉଁ ଢଗଟିଏ ଅଛି ତାହାର ଶ୍ରେଷ୍ଠ ଉଦାହରଣ ପାଲଟିଛନ୍ତି ଗେହଲଟ୍ । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସେ ଦଳର ଅଧ୍ୟକ୍ଷ ପଦପାଇଁ ପ୍ରାର୍ଥୀ ହେବା କଥା । କିନ୍ତୁ ସେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବ ସେଥିନେଇ ବେଶ୍ ଘଣ୍ଟାଚକଟା ଚାଲିଲା । ସଚିନ୍ ପାଇଲଟ୍‌ଙ୍କୁ ତାଙ୍କ ସ୍ଥାନରେ ନୂତନ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଆଶଙ୍କା କରି ଗେହଲଟ୍‌ଙ୍କ ସମର୍ଥକମାନେ ଜୟପୁରରେ ଗତ କିଛିଦନ ଧରି ଯେଉଁ ନାଟକବାଜି ପ୍ରଦର୍ଶନ କଲେ ତାହା କେବଳ କଂଗ୍ରେସ ଦଳର ଭିତିରି ଦୁର୍ବଳତାକୁ ପଦାରେ ପକାଇଲେ ନାହିଁ, ଅପରପକ୍ଷେ ଦଳୀୟ ବିଶୃଙ୍ଖଳାକୁ ମଧ୍ୟ ସ୍ପଷ୍ଟ କଲା । ଭାତହାଣ୍ଡିରୁ ଗୋଟିଏ ଚିପିଲା ପରି ରାଜସ୍ଥାନ କେବଳ ଗୋଟିଏ ଉଦାହରଣ ମାତ୍ର । କଂଗ୍ରେସ ଦଳ ଭିତରେ ଏବେ ସବୁ ରାଜ୍ୟରେ ଏଭଳି ଗୋଷ୍ଠୀ କନ୍ଦଳ ଦଳକୁ ଭିତରେ ଭିତରେ ଦୁର୍ବଳ କରିଚାଲିଛି ଏବଂ ତାହା ସାମଗ୍ରିକ ଭାବେ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହୋଇଛି । ଏପରିକି ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ସୁଦ୍ଧା ଅଶୋକ ଗେହଲଟ ଏକପ୍ରକାର ବେଖାତିର କରିଥିଲେ । ତେଣୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଆହୂତ ବୈଠକରେ ସେ କିମ୍ବା ତାଙ୍କର ସମର୍ଥକ ବିଧାୟକମାନେ ଯୋଗ ଦେଇନଥିଲେ ଏବଂ ଇସ୍ତଫା ଧମକ ଦେଇ ହାଇକମାଣ୍ଡଙ୍କୁ ତାଙ୍କ ଜିଦ୍‌ରେ ରାଜି ହେବାଲାଗି ଏକପ୍ରକାର ଚାପ ପକାଇଥିଲେ । ଏହାର ପରିଣାମ ହେଲା ଯେ ହାଇକମାଣ୍ଡଙ୍କ ଆସ୍ଥା ଓ ବିଶ୍ୱାସ ହରାଇ ଏବେ ତାଙ୍କୁ ପ୍ରତିଦ୍ୱନ୍ଦିତାରୁ ଓହରିବାକୁ ପଡ଼ିଲା । ସେ ସୋନିଆଙ୍କ ନିକଟରେ ଏଥିପାଇଁ କ୍ଷମାପ୍ରାର୍ଥୀ ହୋଇଛନ୍ତି । କ୍ଷମାପ୍ରାର୍ଥନା ହୁଏତ ତାଙ୍କ ମୁଖ୍ୟମନ୍ତ୍ରୀ ପଦକୁ କାଏମ ରଖିପାରେ, କିନ୍ତୁ ସଚିନ୍ ପାଇଲଟ୍ ଯେ ରାଜସ୍ଥାନରେ ଏକ ବିଦ୍ରୋହୀ ଗୋଷ୍ଠୀ ରୂପରେ ଉଭା ସେକଥାକୁ ଅସ୍ୱୀକାର କରାଯାଇନପାରେ । ଦେଶର ଅଧିକାଂଶ ରାଜନୈତିକ ଦଳ ଏବେ ଯୁବନେତୃତ୍ୱ ଉପରେ ଗୁରୁତ୍ୱ ଆରୋପ କରୁଥିବାବେଳେ ଦିଗ୍‌ବିଜୟ ସିଂହଙ୍କୁ ପ୍ରାର୍ଥୀ କରିବା ଆଶ୍ଚର୍ଯ୍ୟର କଥା । ଅତୀତରେ ନିଜର ଦିଗ୍‌ବିଜୟ ସିଂହଙ୍କୁ ପ୍ରାର୍ଥୀ କରିବା ଆଶ୍ଚର୍ଯ୍ୟର କଥା । ଅତୀତରେ ନିଜର ଲଗାମବିହୀନ ମତମନ୍ତବ୍ୟ ମାଧ୍ୟମରେ ଦଳକୁ ବିବଦମାନ ପରିସ୍ଥିତିରେ ପକାଇଥିବା ଦିଗ୍‌ବିଜୟ କଂଗ୍ରେସ ଦଳକୁ ପୁନର୍ଜାଗରିତ କରିବା ଏବଂ ଏହାକୁ ୨୦୨୪ ମସିହାରେ ଶାସନ କ୍ଷମତାସୀନ ବିଜେପିକୁ ମୁକାବିଲା କରିବା ନିମନ୍ତେ କେତେଦୂର ସକ୍ଷମ ହେବେ ତାହା କେବଳ ସମୟ ହିଁ କହିବ । ସେହିଭଳି ଶଶି ଥରୁର ମଧ୍ୟ ବିବାଦମୁକ୍ତ ନୁହଁନ୍ତି । ତାଙ୍କ ମତ ମନ୍ତବ୍ୟ ମଧ୍ୟ ସମୟାନ୍ତରେ ଦଳକୁ ବିବ୍ରତ କରିବାର ନଜିର ରହିଛି । କଂଗ୍ରେସ ଦଳର ଯିଏ ଅଧ୍ୟକ୍ଷ ହୁଅନ୍ତୁ ଏହା ବୁଝିବାକୁ ଆଉ ବାକି ନାହିଁ ଯେ, ଏବେ ଦଳରେ ଦିଗ୍‌ବିଜୟ ସିଂହ କିମ୍ବା ଶଶି ଥରୁରଙ୍କ ଠାରୁ ଅଧିକ ଅଭିଜ୍ଞ ନେତା ନାହାଁନ୍ତି କିମ୍ବା ଥିଲେ ସୁଦ୍ଧା ହାଇକମାଣ୍ଡଙ୍କ ନଜରରେ ବିଶ୍ୱସ୍ତ ନୁହଁନ୍ତି । ଲକ୍ଷ୍ୟ କରିବା କଥା, ଅନ୍ୟ ଆଞ୍ଚଳିକ ଦଳମାନେ ଏବେଠାରୁ ବିଜେପି ନେତୃତ୍ୱାଧୀନ ଏନଡିଏକୁ ମୁକାବିଲା କରିବା ସକାଶେ ମେଣ୍ଟ ଗଢ଼ିବାକୁ ଉଦ୍ୟମ ଆରମ୍ଭ ଚଳାଇଥିବା ବେଳେ ଦେଶକୁ ଦଶନ୍ଧି ଦଶନ୍ଧି ଧରି ଶାସନ କରିଆସିଥିବା ସର୍ବପ୍ରାଚୀନ ରାଜନୈତିକ ଦଳ ଅଧ୍ୟକ୍ଷ ନିର୍ବାଚନ ଲାଗି କସରତ କରିବାରେ ବ୍ୟସ୍ତ । ହାତୀ ଯାହା ମୁଣ୍ଡରେ ସୁନାକଳସ ଢାଳୁନା କାହିଁକି ୨୦୨୪ ସାଧାରଣ ନିର୍ବାଚନରେ ନୂତନ ଅଧ୍ୟକ୍ଷ ଦଳକୁ କେତେ ସଫଳତା ଦେଉଛନ୍ତି ସେଥିରୁ ତାଙ୍କର ପାରିବାପଣ ପରଖାଯିବ ।

# ଆପଣ କେମିତି ପିତାମାତା

**ରଶ୍ମୀରେଖା ପରିଡ଼ା**

ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତାହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେ ମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତାହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା। ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ : ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା ରକି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବା ପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

ସନ୍ଦେହୀ ପିତାମାତା : ଅବିଶ୍ୱାସୀ ସନ୍ତାନ : ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବକି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛି କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତାଉପରେ କଡ଼ା ନଜର ରଖିବାକୁ ହେବ, ତା ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

କୁଭାଷା କହୁଥିବା ପିତାମାତା : ନିୟନ୍ତ୍ରଣହୀନ ସନ୍ତାନ : ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେ ନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

ଜିତିବାକୁ ଚାହୁଁଥିବା ପିତାମାତା - ଆତ୍ମହତ୍ୟା ପ୍ରବଣ ସନ୍ତାନ : ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟ ମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେ କରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତା ମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କ ଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

ତୁଳନା କରୁଥିବା ପିତାମାତା - ବଡ଼ିମା ଦେଖାଉଥିବା ସନ୍ତାନ : ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି - ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

ସମୟ ଦେଉନଥିବା ପିତାମାତା - ଗର୍ବୀ ସନ୍ତାନ : କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ।

ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲି ଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

ମରିଚପୁର, ବାଲିକୁଦା,
ଜଗତସିଂହପୁର,
(ମୋ) ୯୧୭୮୨୧୩୭୯୧

# ଗୋଦାବରୀଶ ମହାପାତ୍ର

**ବିଶ୍ୱବିଜୟୀ ଦାଶ**

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଔପନ୍ୟାସିକ, ଗାଳ୍ପିକ, ପ୍ରାବନ୍ଧିକ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଜଣେ ସାରସ୍ୱତ ବ୍ୟକ୍ତିତ୍ୱ।ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିନ୍ଧାଣି। ନିତିଦିନିଆ ଜୀବନରେ ଯେଉଁ ସାମାଜିକ ଏବଂ ଜାତୀୟ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଚିନ୍ତନ ଓ ଅନୁଭୂତି ରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି,ସେହି ଅନନ୍ୟ ପ୍ରତିଭା ହେଉଛନ୍ତି ଗୋଦାବରୀଶ ମହାପାତ୍ର। ଏକାଧାରାରେ ସେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚକ, ସମାଜସେବକ ତଥା ବ୍ୟଙ୍ଗ ରଚନାକାର।ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ।

ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ।ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ।ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା,ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା।ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟ ରେ ପାଠ ପଢ଼ିବା ଆରମ୍ଭ କଲେ।ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲରେ ପରିଣତ ହେବା ପରେ ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ।ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା, ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ।ଷଷ୍ଠ ଶ୍ରେଣୀ ର ଛାତ୍ର ଭାବରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାଙ୍କ ଜୀବନର ପ୍ରଥମ କାବ୍ୟ 'ବାଣପୁର' ଲେଖି।ଏହି କବିତା ଏତେ ଭାବଗର୍ଭକ ଏବଂ ଚି ଆର୍କଷକ ଥିଲା ଯେ ତତ୍କାଳୀନ 'ମୁକୁର' ପତ୍ରିକାର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ 'ମୁକର' ରେ ସ୍ଥାନିତ କରିବା ସହ 'ମୁକୁର ପ୍ରେସ' ରେ ପୁସ୍ତକ ଆକାର ରେ ଛପାଇଥିଲେ। ଏହି କବିତାର କିଛି ପଂକ୍ତି-

'ନିଃସର୍ଗ ମାଧୁରୀ ଲଳିତ ପ୍ରକୃତି
ସୃଷ୍ଟି ଆଦି ଦିନୁ ବିଶ୍ୱେ ଯା'ର ସ୍ଥିତି। /ଆହା ବାଣପୁର ମୋ' ପ୍ରିୟ ଜନନୀ/ ତୋ' ରୂପ ଛଟା କି ବର୍ଣ୍ଣିବ ପୁଣି/ ଯହିଁ ଚ଼ାହେଁ ଶତ ଶୋଭାର ଭଣ୍ଡାର/ ବିଲ, ବଣ, ପଦା, ଶଇଳ, କେଦାର ।
ଗୋଟିଏ ଗୋଟିକି ବଳି ଶୋଭାବନ
କାନନୁ ଭୂଧର ଭୂଧରୁ କାନନ।'

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି।କବିର ଅନ୍ୟନାମ ସ୍ରଷ୍ଟା। ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର, ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି, ଯାହାଙ୍କ ସୃଷ୍ଟ ମାନସ ସନ୍ତାନ ମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ।ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ପାଠାଗାର 'କୁମାର ପାଠାଗାର' ଏବେ ବି ଠିଆ ହୋଇଛି ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଉନ୍ନତ ପାଠାଗାର ଭାବରେ।ଏହି ପାଠାଗାର ହିଁ ଥିଲା ଗୋଦାବରୀଶ ଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ।

ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ।ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ,ଗୋଦାବରୀଶ ମିଶ୍ର,ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚାର୍ଯ୍ୟ ହରିହର ଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକ ଙ୍କ ପ୍ରତ୍ୟକ୍ଷ ତ୍ୱାବଧନ ରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା।

ଗୋଦାବରୀଶଙ୍କ ଦ୍ୱାରା ରଚିତ 'କ । ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ।

ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡି ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁର ରୁ ତାଙ୍କ ପ୍ରକାଶିତ 'ହିତୈଷିଣୀ' ପତ୍ରିକାରେ କାମ କଲେ।ଏମିତି ପ୍ରାୟ କେତେକ ପତ୍ରିକା ରେ ସେ କାମ କରିଥିଲେ।ତେଣୁ ବହୁଦିନ ର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ। ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁ ।' ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର।ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା। ଆଜି ପର୍ଯ୍ୟନ୍ତ 'ନିଆଁଖୁ ।'ର ସ୍ଥାନ ଅନ୍ୟ କୌଣସି ପତ୍ରିକା ନେଇପାରିନାହାନ୍ତି''।୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ 'ନିଆଖୁ ।' ପତ୍ରିକା ତାଙ୍କୁ ଏକ ବିଶାଳ ଜାତିୟବାଦୀ ଅନୁଷ୍ଠାନରେ ପରିଣତ କରିଦେଲା।

'' ଓଡ଼ିଆ ସାହିତ୍ୟରେ ହାସ୍ୟ ଏବଂ ବ୍ୟଙ୍ଗର ଏକ ସମୃଦ୍ଧ ପରମ୍ପରା ରହିଛି। କିନ୍ତୁ ସମାଜର ତୃଣମୂଳ ସ୍ତରରେ ରମ୍ୟ, ବ୍ୟଙ୍ଗ ଏବଂ ହାସ୍ୟକୁ ପହ ।ଇବାରେ ଗୋଦାବରୀଶ ମହାପାତ୍ରଙ୍କ ସବୁଠୁ ଅଧିକ ଅବଦାନ ରହିଛି। ଗୋଦାବରୀଶ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ। ବାଲ୍ୟକାଳରୁ ସେ ସତ୍ୟବାଦୀ ବନ ବିଦ୍ୟାଳୟ ସହ ସମ୍ପୃକ୍ତ ଥିଲେ। ଏହି ବିଦ୍ୟାଳୟ ତାଙ୍କ ଜୀବନ ଦର୍ଶନକୁ ବିଭିନ୍ନ ଭାବରେ ପ୍ରଭାବିତ କରିଥିଲା''।ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ।ସେ ଅନେକ ଗପ,ଉପନ୍ୟାସ,କବିତା ଆଦି ଲେଖିଛନ୍ତି। ଗୋଦାବରୀଶ ମହାପାତ୍ର ଙ୍କ ରଚ଼ିତ ଉଠ କଙ୍କାଳ କବିତା ମୋ ଭଳି ଅନେକ ଙ୍କୁ ପ୍ରଭାବିତ କରିଛି।ସେହି କବିତାର କିଛି ପଂକ୍ତି-

ଦୁର୍ଗମ ଗିରି ଦୁର୍ଗ ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି,
ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ !
ପୃଥ୍ୱୀ ବିଦାରି ବାରବାଟୀ ମଡ଼ା ଉଠ ଉଠ ଚ ଳ,
ଖୋରଧାର ଶତ ସରଦାର ଶିର କର ଉନ୍ନତତର !
ଉଠ କଙ୍କାଳ, ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି,
ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ।

ଏହି ସାରସ୍ୱତ ସାଧକ ୨୫ ନଭେମ୍ବର ୧୯୬୫ ମସିହାରେ ଦୁନିଆ ଛାଡ଼ି ଚ଼ାଲିଯାଇଥିଲେ।ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

ଯୁବ ସ୍ତମ୍ଭକାର
ବାଣପୁର,ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮




## ବନ୍ଧୁତା ଆଉ ପ୍ରେମ

**ସିଦ୍ଧେଶ୍ୱର ତ୍ରିପାଠୀ**

ସାଙ୍ଗତ ଅନେକ ମିଳିବେ
ଏଇ ଫେସବୁକ ଆଉ ହ୍ୱାଟ୍ସଆପ ଭିତରେ
ମାଳ ମାଳ ଆଉ ଅନେକ ସଂଖ୍ୟାରେ।

ସେମିତି ସ୍କୁଲ ଆଉ କଲେଜ ବେଳର
କମ୍ପ୍ୟୁଟର ଆଉ ୟୁନିଭର ସିଟି
ପାଠ ପଢ଼ାବେଳେ
ଯୋଉମାନେ ସାଙ୍ଗ ହୋଇ
ବସୁଥିଲେ ପାଖେ ।

ହେଲେ ଏସବୁ ଲାଇକ କମେ ଯାଏଁ
ଖାତା ବହି ଦିଆ ନିଆ ଭିତରେ ସୀମିତ।

ଠିକ୍ ସେମିତି ଅନେକ ଚେହେରା
ଆଖି ଆଗକୁ ଆସନ୍ତି
ହେଇଥିଲେ ହେଇଥିବ ଅଜାଣତେ
ଅବା ଜାଣତରେ

ତୁଠର ସେ ପାଦ ଘସା ଶିଉଳି ପଥରେ
ପାଦ ବାଜେ ମନ ଭିଜେ
ବାର ବାର ଅବା ହେଉ ଥରେ
ଭିନ୍ନ ଘାଟ ଧାରେ ।

ଲଙ୍କାରେ ବି ଥିଲା ବିଭୀଷଣ
ଦ୍ରୌପଦୀର ବସ୍ତ୍ର ହରଣକୁ
ଶହେ କୌରବରୁ ଜଣେ କରିଛି ବାରଣ

ଠିକ୍ ସେଇମିତି
କେହି ଜଣେ ଦୁଃଖେ ସୁଖେ ଥାଏ
କାହା ପାଇଁ ମନ ଝୁରିମରେ
ହେଉ ପଛେ ଉଆଁସର ରାତି ।

ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦

## କେମିତି କହିବି ଅମୃତ ସନ୍ତାନ

**ରାଖାଲ ଚନ୍ଦ୍ର ସ୍ୱାଇଁ**

ବାରୁଦ ଗଦାରେ ଥୋଇ ତୋ ବିଗ୍ରହ,
ପକାଉଛି ବୋମା ତୋ ଲୀଳା କ୍ଷେତ୍ରେ
ବିଷମୟ କରି, ଅମୃତ ଜୀବନ,
କଳଙ୍କ କାଳିମା ବୋଳୁଛି ହାତେ।
କେମିତି କହିବି, ଅମୃତ ସନ୍ତାନ,
କହିବାକୁ ଲାଜ ଲାଗୁଛି ମୋତେ।
କଳା ସାଆନ୍ତେ,
ହେ କଳା ସାଆନ୍ତେ।୧।

ଆସିଥିଲି ଧର୍ମ କର୍ମ କରିବାକୁ,
କୁଟୁମ୍ବ ମଣି ଏ ବିଶ୍ୱ
ଅମୃତ ମଣୋହି ପରଷିବା ହାତ,
ବାଢେ ହଳାହଳ ବିଷ।
ଦଣ୍ଡିଆ ଥୋପରେ ବାଳିଆ ଧରିବା,
ଉପାୟ ସଦା ମୁଁ ମନରେ ଚିନ୍ତେ।
କେମିତି କହିବି, ଅମୃତ ସନ୍ତାନ,
କହିବାକୁ ଲାଜ ଲାଗୁଛି ମୋତେ।
କଳା ସାଆନ୍ତେ,
ହେ କଳା ସାଆନ୍ତେ।

ବନ୍ଧୁକ କମାଣ,କରି ମୋ ଭୂଷଣ,
ଥରେଇ ଦେଉଛି ମହୀ
ସରଳ ନିରୀହ ନିଷ୍ପାପ ହୃଦୟେ,
ଜାଳୁଛି ଯନ୍ତ୍ରଣା ଯୁଇ।
ସବୁ ଜାଣି ତୋର, କହେ ମୋର ମୋର,
ଥୋଇ ମୋ ପାଦକୁ ପାପର ଗାତେ।
କେମିତି କହିବି, ଅମୃତ ସନ୍ତାନ,
କହିବାକୁ ଲାଜ ଲାଗୁଛି ମୋତେ।
କଳା ସାଆନ୍ତେ,
ହେ କଳା ସାଆନ୍ତେ।୩।

ଯେ ଡାଳେ ବସିଛି,ସେ ଡାଳ ହାଣୁଛି,
ଧନକୁ ଆପଣା ମଣି
ପିତାମାତା, ବନ୍ଧୁ, ସଖା, ସହୋଦର,
ସମ୍ପର୍କରେ ଗାର ଟାଣି।
ଯିଏ ଦିଏ ଭାତ, ତା'ର କାଟେ ହାତ,
ଚୋଟ ମାରେ ମୋର କୁଟିଳ ଦାନ୍ତେ।
କେମିତି କହିବି, ଅମୃତ ସନ୍ତାନ,
କହିବାକୁ ଲାଜ ଲାଗୁଛି ମୋତେ।
କଳା ସାଆନ୍ତେ,
ହେ କଳା ସାଆନ୍ତେ ।

ଏଡଭୋକେଟ୍, ଭଦ୍ରକ
(ମୋ) ୯୩୩୭୬୨୩୬୮୫

## ସ୍ୱପ୍ନରେ ତୁମେ

**ରୋହିତ ସେଠୀ**

ନିଝୁମ୍ ରାତିର ବହଳ ନିଦରେ
ସପନରେ ତୁମେ ଆସି
ଚୁପି ଚୁପି ମିଠା କଥା କହିଦେଇ
ଚାଲିଯାଅ ସ୍ମିତ ହସି ।

ନିଦ ଭାଙ୍ଗିଗଲେ ସ୍ୱପ୍ନ ସରିଯାଏ
ତୁମେ ଚାଲିଯାଅ ଦୂରେ
ସେହି ମିଠାସ୍ମୃତି ବସି ଦିନ ରାତି
ମନେ ମନେ ଖାଲି ଝୁରେ ।

ସପନେ ଏମିତି ଆସୁଥାଅ ସାଥୀ
ପ୍ରୀତିର ଝଲକ ନେଇ
ତୁମ ସପନରେ ହଜୁଥିବି ସତେ
ପ୍ରେମର ସଂଗୀତ ଗାଇ ।

ଭୁଲି ଯାଉଥିବି ଭୋକ ଶୋଷ ସବୁ
ସପନେ ବିଭୋର ହୋଇ
ସପନରେ ସଦା ଆସିବାକୁ ପ୍ରିୟା
କଥାଦିଅ ମଥା ଛୁଇଁ ।

ଖଜୁରୀପଡ଼ା, କନ୍ଧମାଳ
ମୋ: ୭୭୩୫୨୧୪୩୭୯



## ବିଷ ଦାନ୍ତ

**ନୂତନ କୁମାର ବେହେରା**

ଆଜି କାହିଁ... ଦୁନିଆଁରେ ମଣିଷର ହସ
ଲାଗେ ବିଦ୍ରୁପ କଲା ପରି
ଇର୍ଷାରେ ହିଂସାରେ
ହୃଦୟ ଭାଙ୍ଗିଯାଇ ହୁଏ ଟିକ୍ ଟିକ୍
ତାର ନିଷ୍ଠୁର ଶକ୍ତ ଆଘାତରେ
ଖାଲି କୁଟିଳତାର
ଚାହାଁଣି ଆଉ ଆକ୍ରୋଶ
ଆଖିରେ ସ୍ୱାର୍ଥର ପ୍ରବଳ ନିଶା
ପ୍ରେମ ପାଲଟେ ପ୍ରତାରଣାର ପ୍ରହେଳିକା
ମୁହଁରେ ମିଠା ମିଠା ମନ ଭୁଲାଣିଆଁ କଥା
ହୃଦୟେ ବିଷ ମିଶ୍ରିତ ହୀନ ଆଶା
କ୍ଷତ ବିକ୍ଷତ କୋମଳ ଛାତି ହୁଏ ରକ୍ତାକ୍ତ
ମଣିଷରୁ ସାଜେ ସେ ଭୟଙ୍କର ପିଶାଚ
ମୁଠାଇ ଧରେ ଐଶ୍ୱର୍ଯ୍ୟ ବିଭବ କ୍ଷମତା
ଅଥଚ ହୁଅନା କେବେ ଶାନ୍ତ ତୃପ୍ତ
ମନଟା ତାର ରହେ ପାପେ ମଗ୍ନ ଅସ୍ୱଚ୍ଛ
ଲହ ଲହ ବିସ୍ତାରିତ କରି ଜିହ୍ୱା
ଇଗଲ ପରି ତାର ପଞ୍ଝାରେ
ଜାବୁଡ଼ି ଧରେ ସବୁକୁ ଭାବି
ପକ୍ଷୀ ଶାବକ
ତୀକ୍ଷ୍ଣ ଧାରୁଆ ଛୁରୀ ପରି ତା' ବିଷଦାନ୍ତ
ଚୋବାଇ ଯାଏ ଆକାଶ ପାତାଳ
ସସାଗରା
ପୁରେ ନାହିଁ ତା' ପେଟର ଭୋକ
ତା' ଦାନ୍ତରେ କାମୁଡ଼ି କରେ
ସବୁକୁ କ୍ଷତାକ୍ତ
ତା' ପାଇଁ ଦୁନିଆଁ ହୁଏ ଅଶାନ୍ତ ଆତଙ୍କିତ
ଅମୃତମୟ ସାରା ସଂସାରକୁ
କରେ ସେ ବିଷାକ୍ତ
ତା' ବିଷ ଜ୍ୱାଳାରେ ଛଟପଟ ହୁଏ ପ୍ରାଣ
କେବେ ହେବ ତାର ମୂଳ ଉତ୍ପାଟନ
ଭାଙ୍ଗିବା ସମ୍ଭବ ନୁହେଁ କି
ସେ ବିଷ ଦାନ୍ତ ?

ବାରିପଦା,ମୟୂରଭଞ୍ଜ

# ବିଶ୍ୱ ଓ ଦେଶର ବଜାରରେ ଓଡ଼ିଶାର ଚମତ୍କାର ଉତ୍ପାଦଗୁଡ଼ିକର ସମୁଚିତ ମାର୍କେଟିଂ ଜରୁରୀ : ଅସିତ ତ୍ରିପାଠୀ

ଭୁବନେଶ୍ୱର,୩୦/୯ (ନି.ପ୍ର): ଓଡ଼ିଶାର ସବୁ ଜିଲ୍ଲାର ଉତ୍ପାଦମାନ ସ୍ୱତନ୍ତ୍ର, ଅନନ୍ୟ ଓ ଚମତ୍କାର । ବିଶ୍ୱ ଓ ଦେଶର ବଜାରରେ ଏସବୁ ଉତ୍ପାଦଗୁଡ଼ିକର ସମୁଚିତ ମାର୍କେଟିଂ ହୋଇପାରିଲେ ବହୁ ଉଦ୍ୟୋଗୀ ସଫଳ ହେବେ ଓ ଆମ ରାଜ୍ୟ ଦେଶର ଅନ୍ୟତମ ବିକଶିତ ରାଜ୍ୟ ରୂପେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ମତ ପ୍ରକାଶ କରିଛନ୍ତି ।

ଗୁରୁବାର ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, କେନ୍ଦ୍ର ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ଶିଳ୍ପ ଓ ଆଭ୍ୟନ୍ତରୀଣ ବ୍ୟାପାର ସଂବର୍ଦ୍ଧନ ବିଭାଗ ଓ ଇନଭେଷ୍ଟ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା କ୍ରେତା-ବିକ୍ରେତା ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ କହିଲେ ଯେ ଆମ ରାଜ୍ୟର ଉତ୍ପାଦଗୁଡ଼ିକର ମାନ ଉଚ୍ଚକୋଟୀର । ତେବେ ସେଗୁଡ଼ିକର ପ୍ରକ୍ରିୟାକରଣ କରାଗଲେ ଉତ୍ପାଦକମାନଙ୍କ ପାଇଁ ଏହା ଅଧିକ ଲାଭପ୍ରଦ ହେବ । ଅନ୍‌ଲାଇନ ଇ-ବାଣିଜ୍ୟ ସହ ରାଜ୍ୟର ଉତ୍ପାଦକମାନେ ଯୋଡ଼ି ହେଲେ ସେମାନେ ବେଶ୍ ଲାଭ ପାଇବେ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓଡ଼ିଶାକୁ ଦେଶର ସର୍ବୋତ୍କୃଷ୍ଟ ରାଜ୍ୟ ରୂପେ ଗଢ଼ିତୋଳିବାର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆଜି ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ୬୫ ଜଣ ଉତ୍ପାଦକ ବା ବିକ୍ରେତା ଏବଂ ୨୦ ଜଣ କ୍ରେତା ଏହି ସମ୍ମିଳନୀରେ ଯୋଗଦେବା ଅତ୍ୟନ୍ତ ଖୁସିର ବିଷୟ । ରାଜ୍ୟର ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ଜି.ଆଇ. ଟ୍ୟାଗ୍ ଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ଆଜିର ସମ୍ମିଳନୀ ଯୋଗୁଁ କୃଷିଜାତ ଦ୍ରବ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ଉତ୍ପାଦ, ତାରକସି କାମ, ପଟ୍ଟଚିତ୍ର ଆଦିର କ୍ରେତା ମିଳିବା ସମ୍ଭବ ହେବ ।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପାୱାର ପଏଣ୍ଟ ପ୍ରଦର୍ଶନ କରି କହିଲେ ଯେ କୋଭିଡ-୧୯ ପରବର୍ତ୍ତୀ ସମୟରେ ଆମ ରାଜ୍ୟର ଅର୍ଥନୀତିରେ ଦ୍ରୁତ ସୁଧାର ଘଟିଛି । ୨୦୨୧-୨୨ରେ ଜାତୀୟ ଜିଏସ୍‌ଡିପି ବୃଦ୍ଧି ହାର ୮.୮ ପ୍ରତିଶତ ଥିବାବେଳେ ଓଡ଼ିଶର ଜିଏସ୍‌ଡିପି ବୃଦ୍ଧି ହାର ୧୦.୧ ପ୍ରତିଶତ ହୋଇପାରିଛି । ୨୦୨୫ ସୁଦ୍ଧା ଓଡ଼ିଶା ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ ଆକର୍ଷିତ କରିବ ଓ ୩ ନିୟୁତ ଚାକିରି ସୁଯୋଗ ସୃଷ୍ଟି ହେବ । ୨୦୧୫ରୁ ୨୨ ମଧ୍ୟରେ ମୁଣ୍ଡ ପିଛା ଆୟ ବୃଦ୍ଧି ଜାତୀୟ ସ୍ତରରେ ୮ ପ୍ରତିଶତ ଥିବାବେଳେ ରାଜ୍ୟ ସ୍ତରରେ ଏହା ୧୧.୬ ପ୍ରତିଶତ ହୋଇପାରିଛି । ଆମ ରାଜ୍ୟର ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଜାତୀୟ ହାରଠାରୁ ଅଧିକ ନିୟୋଜନ ମିଳିପାରିଛି । ନଡ଼ାଛତୁ, କନ୍ଦମୂଳ ଉତ୍ପାଦନରେ ପ୍ରଥମ, ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁ ଉତ୍ପାଦନରେ ତୃତୀୟ, ମାଛ, ଚିଙ୍ଗୁଡ଼ି ଉତ୍ପାଦନରେ ଚତୁର୍ଥ, ନଡ଼ିଆ ଉତ୍ପାଦନରେ ଷଷ୍ଠ, ପନିପରିବା ଉତ୍ପାଦନରେ ଏକାଦଶ, ଦେଶର ସମୁଦାୟ ମସଲା ଉତ୍ପାଦନର ୫ ପ୍ରତିଶତ, ସମୁଦାୟ ଫୁଲ ଉତ୍ପାଦନର ୩ ପ୍ରତିଶତ ହାସଲ କରିବାରେ ଓଡ଼ିଶା ସମର୍ଥ ହୋଇପାରିଛି ।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିରେ କାର୍ଯ୍ୟ ବନ୍ଦ କଲେ ଆଇନଜୀବୀ

ଜୟପୁର,୩୦/୯ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବୀରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତ୍ତି ହୋଇଛି । ସେହି ନିଷ୍ପତ୍ତି ଯୋଗୁଁ ଜୟପୁର ସ୍ଥିତ ଜିଲା ଓକିଲ ସଂଘ ତରଫରୁ ସେପ୍ଟେମ୍ବର ୨୯ ଓ ୩୦ ତାରିଖ ୨ ଦିନ ଓକିଲ ମାନେ କାର୍ଯ୍ୟବନ୍ଦ କରି ବିକ୍ଷୋଭ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିର ଜାମିନି ହିଁ ଶୁଣାଣି ହୋଇପାରିବ । ଜୟପୁର ରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାଯ୍ୟା ଦେଶରେ ଓକିଲ ମାନେ ଉକ୍ତ ଦୀବ ନେଇ କାର୍ଯ୍ୟ ବନ୍ଦ କରିବେ । ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ଉପ ସଭାପତି ଗିରିଧର ଖରା, ହରିଶ ମୁଦୁଲି, ପ୍ରଶାନ୍ତ ତ୍ରିପାଠି, ଦିବାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଅବିଭକ୍ତ କୋରାପୁଟ ଜିଲାର ଯେ କୌଣସି ଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବୀ ନେଇ ଦୀର୍ଘ ୨୦୦୮ ମସିହାରୁ ଦାବୀ ହୋଇଆସୁଛି । ଆଇନଜୀବିଙ୍କ କାର୍ଯ୍ୟବନ୍ଦ ଯୋଗୁଁ ଏମିତିକି ତହସିଲ. ରେଜିଷ୍ଟାର ଅଫିସରେ ମଧ୍ୟ ଆଇନଜୀବି ମାନେ ଅନୁପସ୍ଥିତି । ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି ।ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଜସଓନ୍ତ ସିଂ ରିପୋର୍ଟ ଅନୁସାରେ ଜୟପୁର ଠାରେ ହାଇକୋର୍ଟ ବେଞ୍ଚ ପାଇଁ ସବୁ ସର୍ତ ପୁରଣ କରୁଥିବା କହିଛି କମିଟି । ସଂଘ ସୂଚନା ଦେଇଛନ୍ତି ଯେ ଓଡିଶାର ଯଦି କେଉଁଠି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁକୁଳ ତାହା ହେଉଛି ଜୟପୁର ସହର କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି ଦୁରରେ ରହିଥିବା ବେଳେ ଟ୍ରେନତ ଦୁରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦାର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଞ୍ଚଳର ବହୁ ଆଦିବାସି ଓ ହରିଜନ ଶ୍ରେଣିର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନା ଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷ୍ୟରତା ଦୃଷ୍ଟିରୁ ପଛରେ ରହିଥିବା ଅଞ୍ଚଳକୁ ପ୍ରାଧାନ୍ୟ ଦେଇ ଜୟପୁର ଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଉ ବୋଲି କମିଟି ଦାବୀ କରିଛି । ୧୯୮୧ରେ ଗଠିତ କେନ୍ଦ୍ର ସରକାରଙ୍କ ଯଶବନ୍ତ ସିଂ କମିଶନର ସୁପାରିଶ ଆଧାରରେ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ସମସ୍ତ ସର୍ତ୍ତ ପୂରଣ କରୁଛି । କିନ୍ତୁ ଏନେଇ କୌଣସି ସୁଫଳ ମିଳି ପାରିନାହିଁ । ଯାହା ଫଳରେ ଦକ୍ଷିଣ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର ଶୀଘ୍ର ପ୍ରତିଶୃତି ଦାବିରେ କାଯ୍ୟବନ୍ଦ ଆନ୍ଦୋଳନ ଜାରୀ ରହିଛି ।

## ଲାୟନ୍ସ ଇଂଟରନ୍ୟାସନାଲ ତରଫରୁ ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ରିଲିଫ ବଂଟନ

ଭୁବନେଶ୍ୱର,୩୦/୯ (ନି.ପ୍ର): ଲାୟନ୍ସ ଇଂଟରନ୍ୟାସନାଲ ଜିଲ୍ଲା ୩୨୨ ସି୪ ତରଫରୁ ବନ୍ୟା କ୍ଷତିଗ୍ରସ୍ତ କଣାସ ବ୍ଲକ ଓ ନିମାପଡ଼ା ବ୍ଲକର ବିଭିନ୍ନ ଅଂଚଳରେ ରିଲିଫ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ ଇଂଟରନ୍ୟାସନାଲ ଫାଉଣ୍ଡେସନର ଆର୍ଥିକ ଅନୁଦାନରେ ବନ୍ୟା କ୍ଷତିଗ୍ରସ୍ତ ୨୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଅଟା, ହରଡ଼ ଡ଼ାଲି, ଚୁଡ଼ା, ଗୁଡ଼, ଚା ପତି, ଅମୁଲ, ମହମବତୀ, ଦିଆସିଲ, ବିସ୍କୁଟ, କମ୍ବଳ, ଶାଢୀ, ତାରପଲିନ ଇତ୍ୟାଦି ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ୩୨୨ସି୪ ଜିଲ୍ଲାର ମୁଖ୍ୟ ଲାୟନ ସୁରେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଛି । ଏଥିରେ ୩୨୨ସି୪ ଜିଲ୍ଲାର ବିଭିନ୍ନ ପଦାଧିକାରୀ, ଭୁବନେଶ୍ୱର ଓ ପୁରୀର ସମସ୍ତ କ୍ଲବର ପଦାଧିକାରୀ ଓ ସଭ୍ୟ, ସଭ୍ୟାମାନେ ଯୋଗ ଦେଇ ଲୋକଙ୍କୁ ରିଲିଫ ସାମଗ୍ରୀ ବଂଟନ କରିଥିଲେ ।

# ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ‘ଅହିଂସା ରଥ’ ପରିକ୍ରମା ଆରମ୍ଭ

ଭୁବନେଶ୍ୱର,୩୦/୯ (ନି.ପ୍ର): ସ୍ୱାଧୀନତାର ଉଚ୍ଛ୍ୱାସର ଅନୁଭବ ନିମନ୍ତେ ରାଜ୍ୟରେ ମହାତ୍ମା ଗାନ୍ଧୀଙ୍କ ବିଚାର ତଥା ଭାବନାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲା ପରିକ୍ରମା କରୁଥିବା ଅହିଂସା ରଥ ଆଜି ଦ୍ୱିତୀୟ ଦିବସରେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲା ପରିକ୍ରମା କରିଛି ।

ଅହିଂସା ରଥ ନିର୍ଦ୍ଧାରିତ ସମୟରେ ଜଟଣୀରୁ ଥାନାରୁ ବାହାରି ଜଟଣୀ ବ୍ଲକ ଅଂଚଳ ପରିକ୍ରମା କରିଥିଲା । ସକାଳେ ବେଣାପଞ୍ଜରୀ ଉଚ୍ଚ ବିଦ୍ୟାଳୟଠାରେ ଅହିଂସା ରଥ ପହଞ୍ଚିବାପରେ ସେଠାରେ ପଂଚାୟତ ସମିତି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂକୀର୍ତ୍ତନ, ପାଇକଆଖଡ଼ା, ବୀର ବାଦ୍ୟ, ଅଙ୍ଗନବାଡି, ଆଶା, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ଯୋଗଦେଇ ଅହିଂସା ରଥକୁ ସ୍ୱାଗତ କରିଥିଲେ । ବେଣାପଞ୍ଜରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପଂଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଜଟଣୀ ବ୍ଲକର ତରାବୋଇ ଗ୍ରାମ ପଂଚାୟତ ତରଫରୁ ଅହିଂସା ରଥକୁ ସ୍ୱାଗତ କରାଯିବା ସହିତ ସ୍ଥାନୀୟ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟଠାରେ ସଭା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତଙ୍କ ତତ୍ତ୍ୱାବଧାନରେ ଅହିଂସା ରଥ ବାଲିଅନ୍ତା ନିକଟସ୍ଥ ନିକୁଞ୍ଜ ବିହାରୀ ମନ୍ଦିରଠାରେ ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ କୁମାର ପଣ୍ଡା ପ୍ରମୁଖ ରଥକୁ ସ୍ୱାଗତ ଜଣାଇ ଥିଲେ । ବର୍ଷା ସତ୍ତ୍ୱେ ଅହିଂସା ରଥକୁ ସ୍ୱାଗତ କରିବା ପାଇଁ ଏଠାରେ ବହୁ ଜନସମାଗମ ହୋଇଥିଲା । ସଂକୀର୍ତ୍ତନ, ଘୋଡାନାଚ, ଲଉଡ଼ିନୃତ୍ୟ, ଘଣ୍ଟ ବାଦ୍ୟର ତାଳେ ତାଳେ ଅହିଂସା ରଥକୁ ସ୍ୱାଗତ କରା ଯାଇଥିଲା । ଗାନ୍ଧୀ ପଦଯାତ୍ରା କରିଥିବା ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିରଠାରୁ ପବିତ୍ର ମାଟି ଓ କୁଆଖାଇ ନଦୀରୁ ଜଳ ସଂଗ୍ରହ କରାଯାଇଛି । ସଂସ୍କୃତି ବିଭାଗ ତରଫରୁ ମଧ୍ୟ ସାଂସ୍କୃତିକ ଦଳ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଏହାପରେ ଅହିଂସା ରଥ ଟଙ୍କପାଣି ସେତୁ ପାଶ୍ୱର୍ରେ ଥିବା ଦାଣ୍ଡି ଯାତ୍ରାର ସ୍ମାରକୀ ବହନ କରୁଥିବା ପ୍ରତିମୂର୍ତ୍ତି ସ୍ଥଳରେ ପହଂଚିଥିଲା । ପଥରେ ଭୁବନପୁର ପ୍ରାଥମିକ ସ୍କୁଲ, ବଇଁଚୁଆ ପଂଚାୟତ ହାଇସ୍କୁଲ ଏବଂ ହୀରାପୁର ଠାରେ ଜନସାଧାରଣ ସ୍ୱାଗତ ଜଣାଇଥିଲେ ।

ଟଙ୍କପାଣି ସେତୁଠାରେ ବ୍ଲକ ପ୍ରଶାସନ, ସତ୍ୟଭାମାପୁର ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀ, ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ ଖଟୁଆ, ବିଡ଼ିଓ, ତହସିଲଦାର ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏଠାରୁ ଶୋଭାଯାତ୍ରାରେ ବାହାରି ଅହିଂସା ରଥ ବାଳକାଟୀସ୍ଥିତ ପ୍ରତାପ ଶାସନ ହାଇସ୍କୁଲ ଗସ୍ତ କରିଥିଲା ।

ଚିଲିକା ଓ ଟାଙ୍ଗି ବ୍ଲକରେ ଆଜି ପରିକ୍ରମା କରିଛି ଅହିଂସା ରଥ । ପରେ ଚିଲିକା ବ୍ଲକର ହାଟବରଡି, ସୋରଣ ଗ୍ରାମପଞ୍ଚାୟତ ଓ କାଲୁପଡାଘାଟଠାରେ ମଧ୍ୟ ସ୍ୱାଗତ କରାଯାଇଥିଲା । ଏହାପରେ ରଥକୁ ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ପରିସର ଓ ବଳରାମଦେବ ବିଦ୍ୟାପୀଠରେ ମଧ୍ୟ ବିପୁଳ ସମ୍ବର୍ଦ୍ଧନା କାରଯାଇଥିଲା । ଆଜି କଟକ ଜିଲ୍ଲା ଆଠଗଡ଼ ଏବଂ ତିଗିରିଆ ବ୍ଲକ୍‌ରେ ଅହିଂସା ରଥ ପରିକ୍ରମା ସଂପନ୍ନ ହୋଇଛି । ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ଼ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଧବଳେଶ୍ୱରଠାରେ ଅହିଂସା ରଥକୁ ସ୍ୱାଗତ କରିଥିଲେ । ଆଠଗଡ଼ ମହୋତ୍ସବ ପଡ଼ିଆଠାରେ ଆୟୋଜିତ ସଭାରେ ହଜାର ହଜାର ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରଛାତ୍ରୀ ମାନେ ଯାଗଦେଇଥିଲେ । ପରେ ସାଲେପୁର ବ୍ଲକଠାରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପୁଷ୍ପଲତା ବିଶ୍ୱାଳଙ୍କ ସମେତ ସ୍ଥାନୀୟ ଜନତା ଓ ଛାତ୍ରଛାତ୍ରୀ ରଥକୁ ସ୍ୱାଗତ କରିଥିଲେ । ସେହିପରି ମାହାଙ୍ଗା ବ୍ଲକ୍ ଠାରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଉତ୍କଳମଣିଙ୍କ ଜନ୍ମପୀଠ ବିକାଶ ପ୍ରକଳ୍ପ ନିର୍ମାଣ ଡିସେମ୍ବର ୩୦ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦/୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠକୁ ଏକ ଆକର୍ଷଣୀୟ ଐତିହାସିକ ଓ ସାଂସ୍କୃତିକ ସ୍ଥାନରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ କରାଯଇଥିବା ପ୍ରକଳ୍ପର କାର୍ଯ୍ୟାୟନରେ ବେଶ ଅଗ୍ରଗତି ହୋଇଛି ।ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କାମର ଅଗ୍ରଗତି ସମୀକ୍ଷା କରି ଚଳିତ ବର୍ଷ ଡ଼ିସେମ୍ବର ୩୦ ସୁଦ୍ଧା ସମସ୍ତ ନିର୍ମାଣ କାମ ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସଂଗ୍ରହାଳୟରେ ଗୋପବନ୍ଧୁଙ୍କ ରଚିତ ପୁସ୍ତକ, ତାଙ୍କର କର୍ମମୟ ଜୀବନ, ସମର୍ପିତ ସେବା, ବନ ବିଦ୍ୟାଳୟରେ ଶିକ୍ଷାଦାନ, ସ୍ୱାଧିନତା ଆଲୋଚନାରେ ସକ୍ରିୟ ଭୁମିକା ଏବଂ ତତ୍କାଳୀନ ସମୟ ସମ୍ବନ୍ଧିତ ସ୍ମାରକୀମାନ ସ୍ଥାନିତ କରିବା ନିମନ୍ତେ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଗୋପବନ୍ଧୁଙ୍କ ଷଠୀଘର ଥିବା ପୈତୃକ ଗୃହର ସଂରକ୍ଷଣ କାର୍ଯ୍ୟ ସଠିକ୍ ଭାବେ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଜନ୍ମପୀଠ ଓ ସଂଗ୍ରହାଳୟକୁ ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏଥି ପାଇଁ ପର୍ଯ୍ୟଟକ ସୁବିଧାକେନ୍ଦ୍ର, ସୂଚନା କେନ୍ଦ୍ର, ଜାତୀୟ ରାଜପଥ ନିକଟରେ ସୁଦୃଶ୍ୟ ହୋର୍ଡିଂ, ଆଦି ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜନ୍ମପୀଠ ସହ, କରାଯାଉଥିବା ବିଭିନ୍ନ ସୁବିଧାର ଉତ୍ତମ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟରେ ସ୍ଥାନୀୟ ଲୋକ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରିବା ନିମନ୍ତେ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସୁଆଣ୍ଡୋ ଗ୍ରାମ ନିକଟସ୍ଥ ଭାର୍ଗବୀ ନଦୀରେ ନଦୀ-ସମ୍ମୁଖ ବିକାଶ ସହ ଭାସମାନ ଜେଟି ଏବଂ ନୌବିହାର ସୁବିଧା କରାଇବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପର ସଦ୍ୟତନ ସ୍ଥିତି ଉପସ୍ଥାପନ କରି ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୁଦନ ପାଢ଼ୀ ଜଣାଇଥିଲେ ଯେ ବର୍ତ୍ତମାନ ସୁଦ୍ଧା ଉତ୍କଳମଣିଙ୍କ ଷଠୀଘର ଥିବା ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଂଚିଛି । ଘର ପାଖରେ ଥିବା ପୁଷ୍କରଣୀର ବିକାଶ ମଧ୍ୟ କରାଯାଇଛି । ଶିବ ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ରାସ୍ତା ପାର୍ଶ୍ୱ ସୁବିଧା କେନ୍ଦ୍ର, ଫୁଡ୍ କୋର୍ଟ ଏବଂ ସୂଚନା କେନ୍ଦ୍ରର କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ପୈତୃକ ବାସସ୍ଥାନରେ ସ୍ଥାପନ କରାଯିବାକୁ ଥିବା ୧୫ ଫୁଟର ସୁନ୍ଦର ପ୍ରତିମୂର୍ତ୍ତି ଏବଂ ଏହାର ପ୍ଲାଟଫର୍ମ କାର୍ଯ୍ୟ ଆଗେଇ ଚାଲିଛି । ବର୍ତ୍ତମାନ ସୁଆଣ୍ଡୋ ଗ୍ରାମ ରାସ୍ତାର ବିକାଶ ଏବଂ ଗ୍ରାମରେ ଭୁତଳ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କାର୍ଯ୍ୟ ଚାଲୁରହିଛି । ସମୁଦାୟ ପ୍ରକଳ୍ପରେ ପ୍ରାୟ ୨୫.୨୫ କୋଟି ଟଙ୍କା ବିନିଯୋଗ କରାହେଉଛି । ଏଥି ପାଇଁ ଓଡ଼ିଶା ଖଣି ନିଗମ ଆର୍ଥିକ ସହାୟତା ଯୋଗାଉଛନ୍ତି । ଇତି ମଧ୍ୟରେ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗୋପବନ୍ଧୁ ସ୍ମାରକୀ ଟ୍ରଷ୍ଟ ଗଠନ କରାଯାଇଛି । ଇସ୍ପାତ୍ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଂଜନ ଦାସଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୁରୀର ଜିଲ୍ଲାପାଳ ସମର୍ଥ ବର୍ମା ଭିଡିଓ କନଫ୍ରେନ୍ସିଂ ମାଧ୍ୟମରେ କ୍ଷେତ୍ରସ୍ତରୀୟ ସ୍ଥିତି ଅବଗତ କରାଇଥିଲେ ।

# ଆଇନଜୀବୀ ରମେଶ ବଳ ମୃତ୍ୟୁ ମାମଲା : ପଦାକୁ ଆସିଥିବା ମୃତ୍ୟୁକାଳିନ ଜମାନବନ୍ଦୀର ସତ୍ୟତା ନେଇ ଉଠିଲା ପ୍ରଶ୍ନ

ରାଉରକେଲା,୩୦/୯ (ନି.ପ୍ର): ରାଉରକେଲା କୋର୍ଟର ଜଣେ ଆଇନଜୀବୀ ତଥା ବାର୍ ଆସୋସିଏସନର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ବଳଙ୍କ ଶବ ଏକ ରଶିରେ ଝୁଲୁଥିବା ବେଳେ ସେ ରହୁଥିବା ଘରୁ ବାହାରିବା ପରେ ସେଠାରୁ ମିଳିଥିବା ମୃତ୍ୟୁକାଳିନ ଜମାନବନ୍ଦୀରେ ଯାହା ଲେଖାଯାଇଛି ସେଥିରେ ଥିବା ସତ୍ୟତାକୁ ନେଇ ଏବେ ଉଠିଲାଣି ପ୍ରଶ୍ନ ।

ଜମାନବନ୍ଦୀରେ ଯାହା ଲେଖା ଯାଇଛି, ଛେଣ୍ଡର କଳିଙ୍ଗବିହାର ଅଂଚଳରେ ତାଙ୍କର ଭୁଲ ନିଷ୍ପତି ଲାଗି ୩ କୋଟି ଟଙ୍କାର ସଂପତି ହାତରୁ ଚାଲିଗଲା । ଏନେଇ ତଦନ୍ତ କରାଜିବାରୁ ଜଣାପଡିଛି, କଳିଙ୍ଗବିହାର ଛେଣ୍ଡ ଅଂଚଳରେ ବିଜୁ ପଟ୍ଟନାୟକ ଛକ ସମ୍ମୁଖ ବାମ ପାଖରେ ଏକ ୧୫୦୦ ସ୍କୋୟାରଫୁଟ ଯାଗା ଉପରେ ୪/୫ଟି ଦୋକାନ ଘର ରହିଛି, ତା ଉପରେ କିଛି ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି, ଏହାର ବଜାର ଦର ୧ କୋଟି ମଧ୍ୟରେ ହେବ ବୋଲି କୁହାଯାଉଛି, ସ୍ୱର୍ଗତ ବଳ ସେ ଯାଗାରେ ଏକ ୟୁନିଅନ ଅଫିସ ମଧ୍ୟ ଚଳାଉଥିଲେ । ଅନେକ ସମୟରେ ସେ ସେଠାରେ ବସନ୍ତି ଓ ଦୋକାନ ଭଡା ମଧ୍ୟ ଆଦାୟ କରନ୍ତି । ହେଲେ ସେ ଯାଗା ସ୍ୱର୍ଗତ ବଳଙ୍କ ନାମରେ ନାହିଁ । ତାହା, ଘର ନମ୍ବର କେବି-୨୫ ମାଲିକ କ୍ରିଷ୍ଣା ଜେନା ବୋଲି ରେକର୍ଡରେ ରହିଛି । ସେଠିକାର ବିଜୁଳି ବିଲ ପ୍ରାୟ ୩୦୦୦ ଟଙ୍କା ବାକି ରହିଛି । ତେବେ କ୍ରିଷ୍ଣା ଜେନା ଯଦି ତାଙ୍କ ସଂପର୍କୀୟ ହୋଇଥାନ୍ତି ଓ ତାଙ୍କ ଘରେ ରହୁଛନ୍ତି ତେବେ ସଂପତି ତ ତାଙ୍କ ଘରେ ରହିଲା ଏଥିଲାଗି ସେ ବ୍ୟସ୍ତ ହୋଇ ମୃତ୍ୟୁକୁ କୋଳେଇନେବା ପଛରେ କାରଣ ବୋଲି ପ୍ରଶ୍ନ ହେଉଛି ।ସେହିଭଳି ଛେଣ୍ଡ ପ୍ରଥମ ଫେଜ ଜେଜେ ମାର୍କେଟ ପାଖରେ ପଡିରହିଥିବା ୧ ଏକର ଯାଗା ଯାହା ପାଚେରୀ ଘେରା ହୋଇ ରହିଛି, ତାହା ସ୍ୱର୍ଗତ ବଳଙ୍କର ବୋଲି ଆଲୋଚନା ହୁଏ, ହେଲେ ତଦନ୍ତରୁ ଜଣାପଡୁଛି ଏହା ରାଉରକେଲା ଏଜୁକେଶନ ସୋସାଇଟୀ ନାମରେ ରହିଛି । ତାର ଇତିହାସ ହେଲା, ଏହି ସଂସ୍ଥାର ଆବେଦନ କ୍ରମେ ୧୯୮୭ରେ ସେ ସମୟରେ ଆରଆର ଆଇଟି ୧ଏକର ଯାଗା ମାତ୍ର ୨୪,୫୦୦ ଟଙ୍କାରେ ଦେଇ ନିଜର କାମ କରିବାକୁ କୁହାଯାଇଥିଲା । ହେଲେ ଯାଗା ପାଇବା ପରେ ସୋସାଇଟି କୌଣସି କାମ ନକରି ଯାଗାକୁ ପକାଇ ରଖିବାରୁ ୨୦୦୫ରେ ସୋକଜ୍ ନୋଟିସ ଦେଇ ଯାଗା ବାତିଲ କରିବାକୁ କୁହାଜିବାରୁ ସୋସାଇଟିର ସଂପାଦକ ଗୌରାଙ୍ଗ ଚନ୍ଦ୍ର ପାଢୀ ରାଉରକେଲା ସବଜଜ୍ କୋର୍ଟରେ ମାମଲା ନମ୍ବର ସିଏସ-୪/୨୦୦୬ ରୁଜୁ କରି ଆର ଆର ଆଇଟିକୁ ଛନ୍ଦିଲେ । ଏହି ମାମଲାରେ ସୋସାଇଟି ଜିତିବା ପରେ ଆରଡିଏ ହାଇକୋର୍ଟଙ୍କ ଦ୍ୱାରାସ୍ଥ ହୋଇ ମାମଲା ନମ୍ବର ଆରଏସଏ ୩୦୦୩/୨୦୦୯ ରୁଜୁ କରି ତଳ କୋର୍ଟ ଆଦେଶ ଖାରଜ ଲାଗି ଆବେଦନ କରି ସେ ଯାଗାକୁ ଫେରାଇ ନେବାକୁ ଉଦ୍ୟମ କରିଥିଲେ । ତେବେ ସେହି ମାମଲା ଏବେ ବି ବିଚାରାଧିନ ରହିଛି । ଏ ଯାଗାରେ ମଧ୍ୟ ଶ୍ରୀ ବଳଙ୍କର ନାମ କେଉଁଠି ବି ନାହିଁ । ତେବେ ଏହି ଯାଗାର ବର୍ତ୍ତମାନ ମୂଲ୍ୟ ସରକାରୀ ଭାବେ ରହିଛି ୪ କୋଟି ବଜାର ମୁଲ୍ୟ ରହିଛି ୩୦ କୋଟି । ତେବେ ଏଠି ପ୍ରଶ୍ନ ଉଠୁଛି ସ୍ୱର୍ଗତ ବଳ ଯାହା ମରିବା ଆଗରୁ ଲେଖିଯାଇଛନ୍ତି ଛେଣ୍ଡ ଅଂଚଳର ସଂପତିରେ ନିଜର ଭୁଲ ନିଷ୍ପତି ଲାଗି ତାଙ୍କର ୩ କୋଟିର ସଂପତି ହାତରୁ ଚାଲିଗଲା ସେଥିଲାଗି ବଡପୁଅ ଘର ଛାଡିଦେଲା ସେଥିରେ କେତେ ସତ୍ୟତା ରହିଛି ତାହା ସମ୍ପୂର୍ଣ୍ଣ ପଦାକୁ ଆସିଛି । ତେବେ ମରିବା ଆଗରୁ ରଶି କିଣୁଥିବା ବେଳେ ତାଙ୍କୁ ଲୋକେ ଦେଖି ପଚାରିବାରୁ ସେ କୁଆଡେ କହିଥିଲେ କୁଅରେ କିଛି ପଡିଗଲେ ତାକୁ ବାହାର କରିବା ଲାଗି ସେ ଏହାକୁ କିଣୁଛନ୍ତି, ଘର ଲୋକ ବି ଏହାକୁ ଦେଖିଥିବାର କୁହାଯାଉଛି । ଜମାନାବନ୍ଦୀ ମଧ୍ୟ କିଛି ଦିନ ଆଗରୁ ଲେଖିଥିଲେ ବୋଲି ଜଣାପଡିଛି । ତେବେ ଏତେ ସବୁ କଥା ଭିତରେ ଲୋକେ କହୁଛନ୍ତି ରମେଶ ବାବୁ ଆତ୍ମହତ୍ୟା କରିବେ ତାହା ଆଦୌ ଗ୍ରହଣୀୟ ନୁହେଁ, ସେ ସେଭଳି ମାନସିକତାର ଲୋକ ନଥିଲେ । ତେବେ ବାସ୍ତବ କଥା କଣ ? ନିଜ ନାମରେ ସଂପତି ନଥାଇ ସେ ସଂପତି ଲାଗି ଏତେ ସମୟ ଦେଉଥିଲେ କୋର୍ଟରେ ମାମଲା ଲଢୁଥିଲେ, ପୁଣି ସେହି ସଂପତି ହାତରୁ ଚାଲିଗଲା ନିଜର ଭୁଲ ନିଷ୍ପତିଲାଗି କହିବା ଘଟଣାକୁ ଅଧିକ ସନ୍ଦେହ ଭିତରକୁ ଠେଲି ଦେଇଛି । ତେବେ ଏସବୁ ପଛରେ ଆହୁରି କିଛି ଅଦୃଶ୍ୟ କାରଣ ଛପି ରହିଛି ଯେଉଁ ଅକୁହା କଥାକୁ ସ୍ୱର୍ଗତ ବଳ ଲେଖିପାରି ନାହାନ୍ତି ତାହାର ତଦନ୍ତ କରାଯାଇପାରିଲେ ସତ କଣ ପଦାକୁ ଆସିବ ବୋଲି କୁହାଯାଉଛି ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା- କଂଗ୍ରେସ

ଭୁବନେଶ୍ୱର,୩୦/୯ (ନି.ପ୍ର): ପୂର୍ବତନ ସାଂସଦ ତଥା ସର୍ବପ୍ରଥମ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କର ଗତକାଲି ପରଲୋକ ଘଟିଛି । ଗୁରୁବାର ଦିନ ଶେଷ ଦର୍ଶନ ପାଇଁ ତାଙ୍କ ମରଶରୀର କଂଗ୍ରେସ ଭବନକୁ ଅଣାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କଂଗ୍ରେସ ନେତୃବୃନ୍ଦଙ୍କ ସମେତ ସିପିଏମର ରାଜ୍ୟ ନେତୃବୃନ୍ଦ ଅଳିକେଶ୍ୱର ପଟ୍ଟନାୟକ, ସୁରେଶ ପାଣିଗ୍ରାହି ମଧ୍ୟ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହାପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଓ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ଶରତ ପଟ୍ଟନାୟକ ଶୋକପ୍ରସ୍ତାବ ଆଗତ କରିଥିଲେ ଓ ପ୍ରାକ୍ତନ ସଭାପତି ପ୍ରସାଦ ହରିଚନ୍ଦନ ଏହି ଶୋକପ୍ରସ୍ତାବକୁ ସମର୍ଥନ କରି ଜୟନ୍ତୀ ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସି ଏକ ରାଜନୈତିକ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଜୀବନ ଯାତ୍ରାରେ ସହଯୋଗ ଦେବା ବିଷୟରେ ବର୍ଣ୍ଣନା କରିଥିଲେ । ଜଣେ ସୁଲେଖିକା ଏବଂ ସାମ୍ବାଦିକ ଭାବରେ ତାଙ୍କର ଖ୍ୟାତି ସଂପର୍କରେ ସୂଚନା ଦେଇଥିଲେ । ସେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣ, ନାରୀ ଅଧିକାରର ଜଣେ ବଳିଷ୍ଠ ପ୍ରହରି ଭାବେ କାର୍ଯ୍ୟକରିଥିବା ବର୍ଣ୍ଣନା କରିଥିଲେ । ତାଙ୍କର ଜୀବନକାଳ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ନାରୀ ସଶକ୍ତିକରଣର ଏକ ବୁଦ୍ଧିମନ୍ତ ଅଧ୍ୟାୟ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ପଂଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠୀର ଜେନା, ଶରତ ରାଉତ, ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସୁରେଶ କୁମାର ମହାପାତ୍ର, ଦେବାଶିଷ ପଟ୍ଟନାୟକ କିଶୋର ଜେନା, ବିଭୁତି ମିଶ୍ର, ସ୍ମୃତି ରଞ୍ଜନ ଲେଙ୍କା, ବନ୍ଦିତା ପରିଡ଼ା ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ମା’ ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମାଲକାନଗିରି,୩୦/୯ (ନି.ପ୍ର): ମାଲକାନଗିରି ସହର ନିକଟସ୍ଥ ସତୀଗୁଡା ଡ୍ୟାମସାଇଟ୍ ଏମ୍ ଭି ୧୧୧ ରାମ କ୍ରିଷ୍ଣା ଯୁବକ ସଂଘ ଗ୍ରାମ କମିଟି ତରଫରୁ ମା ଶ୍ୟାମାକାଳୀଙ୍କ ଏକ ନୂତନ ମନ୍ଦିର ତିଆରି କରାଯାଇଛି । ଏହି ମା ଶ୍ୟାମାକାଳୀଙ୍କ ମନ୍ଦିରକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ବିଧାୟକ ମାନସ ମାଡକାମୀ ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ଅତିଥି ଭାବରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପଣ୍ଡା, ଯୁବ ନେତା ହେମନ୍ତ ପଟ୍ଟନାୟକ, ଯୁବ ନେତା ସଦାନନ୍ଦ ଖରା, ସିନ୍ଧ୍ରିମାଳ ସରପଂଚ ଘାସି ନାୟକ, ୱାର୍ଡ ସଭ୍ୟ ଦେବାଶିଷ ମଣ୍ଡଳଙ୍କ ସହ ଗ୍ରାମର ସମସ୍ତ ଭଦ୍ର ମଣ୍ଡଳୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ମାନସ ମାଡକାମୀଙ୍କୁ ଓ ସମ୍ମାନିତ ଅତିଥି ମାନଙ୍କୁ ଉତରୀୟ ସହ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ୨ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।











କାର୍ତ୍ତିକ ସାହୁ

# ମିନା ଅପାଙ୍କ ରାମାୟଣ ଟୁର୍ଙ୍ଗି (୫୬)

## ରାମ ସୁଗ୍ରୀବ ଭେଟ ଓ ମିତ୍ରତା ସ୍ଥାପନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ମାନବ" ଇତିହାସରେ ଯେତେ ଦୃଢ଼ ବଂଧୁତାର ଉଲ୍ଲେଖ ଅଛି, ତା' ମଧ୍ୟରେ ରାମ-ସୁଗ୍ରୀବ ବଂଧୁତା ବେଶ୍ ପ୍ରସିଦ୍ଧ। ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଥିବା ଏ ବଂଧୁତା ମଣିଷମାନଙ୍କୁ ଭଲ ବଂଧୁତା ଲାଗି ପ୍ରେରଣା ଦିଏ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ହନୁମାନଙ୍କ କାନ୍ଧରେ ବସି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ସୁଗ୍ରୀବ ଲୁଚିଥିବା ଗୁମ୍ଫାର ଦ୍ୱାର ଦେଶରେ ପହଂଚିଲେ। ସୁଗ୍ରୀବ ଗୁମ୍ଫାରୁ ପ୍ରଥମେ ବାହାରୁ ନଥିଲେ। ହନୁମାନ ଆଶ୍ୱାନା ଦେଲାପରେ ସୁଗ୍ରୀବ ଗୁମ୍ଫାରୁ ବାହାରିଲେ ଓ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଗୁମ୍ଫାରେ ପ୍ରବେଶ କରିବାକୁ ଅନୁରୋଧ କଲେ। ରାମ ଓ ସୁଗ୍ରୀବଙ୍କ ଅବସ୍ଥା ପ୍ରାୟ ସମାନ ଥିଲା। ଦୁଇ ଜଣଙ୍କର ରାଜ୍ୟ ନାହିଁ। ଦୁଇ ଜଣଙ୍କର ପତ୍ନୀଙ୍କୁ ଅନ୍ୟ ଦ୍ୱାରା ଅପହରଣ କରାଯାଉଛି। ଦୁଇଜଣ ଦୁଃଖୀ। ତେଣୁ ମିତ୍ରତା ସ୍ଥାପନ ଲାଗି ବେଶି ସମୟ ଲାଗିଲା ନାହିଁ।



ପ୍ରଥମେ ସୁଗ୍ରୀବ ଶ୍ରୀରାମଙ୍କ କୁଶଳ ମଙ୍ଗଳ ପଚାରିଲେ ଓ ତାଙ୍କର ବନରେ ବୁଲିବାର କାରଣ ପଚାରିଲେ। ଶ୍ରୀରାମ ସବିସ୍ତାରେ ତାଙ୍କ କଥା କହିଲେ। ପିତୃ ସତ୍ୟ ପାଳନ କରିବାକୁ ମୁଁ ବନକୁ ଆସିଲି। ମୋ ସାଂଗରେ ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତା ଆସିବାକୁ ବାଧ୍ୟ କଲେ। ସେମାନେ ସାଙ୍ଗରେ ଆସିଲେ। ମାତ୍ର ଦୁଷ୍ଟ ରାକ୍ଷସ ରାବଣ ସୀତାଙ୍କୁ ଅପହରଣ କରି ନେଇ କେଉଁଠି ଲୁଚାଇ ରଖିଛି। ସେଥିଲାଗି ଆମେ ଦୁଃଖୀ ଓ ସୀତାଙ୍କୁ ଖୋଜୁଛି।"

ଶ୍ରୀରାମଙ୍କ କଥା ଶୁଣି ସୁଗ୍ରୀବ ବହୁତ ଦୁଃଖୀ ହେଲେ ଓ ନିଜ ଦୁଃଖ ଭରା କାହାଣୀ ପ୍ରଭୁ ଶ୍ରୀରାମଙ୍କୁ ଶୁଣାଇଲେ।

ସୁଗ୍ରୀବଙ୍କ କଥା ଶୁଣି ଶ୍ରୀରାମ ସଂଗେ ସଂଗେ କହିଲେ- ହେ କପିଶ୍ରେଷ୍ଠ, ତୁମେ ସୂର୍ଯ୍ୟଙ୍କ ପୁତ୍ର ଓ ମୁଁ ସୂର୍ଯ୍ୟବଂଶରେ ଜନ୍ମ ନେଇଛି। କେବଳ ସେତିକି ନୁହେ ଆମ ଦି ଜଣଙ୍କ ଅବସ୍ଥା ମଧ୍ୟ ସମାନ। ବିଧାତା ସେଥିଲାଗି ଆମକୁ ଏକାଠି କରିଛି। ଆମେ ଦୁଇଜଣ ମିତ୍ର ହେବା ଓ ଆମ ଶତ୍ରୁଙ୍କ ମାରିବା। ରତ୍ନାକର ଗର୍ଗବଟୁଙ୍କ ରାମାୟଣରେ ଲେଖା ହୋଇଛି।

"ଆମ୍ଭେ ଦୁହେଁ ମିତ୍ର ହେବା ଆସ ଏହିଠାରେ ତୁମ୍ଭ ଶତ୍ରୁ ସଂହାରିବୁ ଆମ୍ଭେ ପ୍ରଥମରେ।" ଏତିକି କହି ପ୍ରଭୁ ଶ୍ରୀରାମ ନିଜର ଧନୁ ଓ ଶରକୁ ରଖି ଦେଇ ସୁଗ୍ରୀବଙ୍କୁ ଆଲିଙ୍ଗନ କଲେ।

କି ସୁନ୍ଦର ଥିଲା ସେ ଦୃଶ୍ୟ। ଭକ୍ତକୁ ଭଗବାନ ମିତ୍ର କହି ଆଲିଙ୍ଗନରେ ନେଇଗଲେ।

ରାମ ଓ ସୁଗ୍ରୀବଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଗଲା। ସୁଗ୍ରୀବଙ୍କୁ ରାମ କଥା ଦେଲେ ଯେ ସେ ବାଳିକୁ ବଧ କରିବେ ଓ ତାଙ୍କ ରାଜ୍ୟ ଓ ପତ୍ନୀଙ୍କୁ ଫେରାଇ ଦେବେ। ସେହିପରି ସୁଗ୍ରୀବ ମଧ୍ୟ ପ୍ରତିଜ୍ଞା କଲେ ଯେ ସେ ସୀତାଙ୍କୁ ଖୋଜି ଠାବ କରିବେ।

ଏହି ସମୟରେ ସୁଗ୍ରୀବ ରାମଙ୍କୁ ସୀତା ଫିଙ୍ଗିଥିବା ଅଳଙ୍କାର ଦେଖାଇଲେ। ସୀତାଙ୍କ ଅଳଙ୍କାର ଦେଇ ପ୍ରଭୁ ଶ୍ରୀରାମ ଶୋକ କରିବାକୁ ଲାଗିଲେ। ସୁଗ୍ରୀବ ଓ ଲକ୍ଷ୍ମଣ ତାଙ୍କୁ ପ୍ରବୋଧନା ଦେଲେ ଓ ସୀତା ମାତାଙ୍କୁ ଠାବ କରି ତାଙ୍କୁ ଫେରାଇ ଆଣିବାର ପ୍ରତିଜ୍ଞା ପୁଣିଥରେ କଲେ ସୁଗ୍ରୀବ।

କଥା କଥାରେ ସୁଗ୍ରୀବ ରାମଙ୍କୁ ଏ କଥା କହିଲେ- ବାଳି ବଡ଼ ବଳବାନ। ତାଙ୍କୁ ମାରିବା ଏତେ ସହଜ ନୁହେଁ। ମୁଁ ମୋ ନିଜ ସ୍ୱାର୍ଥ ଲାଗି ଆପଣଙ୍କୁ ବାଳି ଆଗକୁ ପଠାଇ ପାରିବିନି।

ସୁଗ୍ରୀବଙ୍କ କଥାରେ ରାମ ହସିଲେ ଓ କହିଲେ- ହେ ମିତ୍ର, ମୁଁ ତୁମକୁ କଥା ଦେଇଛି ବାଳିକୁ ବଧ କରିବି, ତାହା ହିଁ କରିବି।

ସୁଗ୍ରୀବଙ୍କ ମନରୁ ସଂନ୍ଦେହ ଦୂର ହେଉନଥଲା। ତେଣୁ ତାଙ୍କ ସନ୍ଦେହକୁ ଦୂର କରିବାକୁ ରାମ ଚାହିଁଲେ। "ବାଳି ବଧ ଆଗରୁ କଣ କଲେ ତୁମ ମନରୁ ସନ୍ଦେହ ଦୂର ହେବ, ତାହା କୁହ। ମୁଁ ତାହ କରିବି।

ସୁଗ୍ରୀବ ରାମଙ୍କ ବଳ ପରୀକ୍ଷା କରିବାକୁ ତାଙ୍କୁ ଦୁଇଟି କଥା କରିବାକୁ କହିଲେ। "ଏକ ରାକ୍ଷସ ଦୁନ୍ଦୁଭିକୁ ମାରି ବଳି ତାକୁ ଫିଙ୍ଗି ଦେଇଥିଲା ଓ ତାହା ଏକ ପର୍ବତ ପ୍ରକାରେ ପଡ଼ି ରହିଛି। ତା ହାଡ଼କୁ ଆପଣ ଫିଙ୍ଗି ପାରିବେ ? ରାମ ସଂଗେ ସଂଗେ ନିଜ ବାମପାଦର ଅଙ୍ଗୁଷ୍ଠି ଅଗ୍ରରେ ତାକୁ ଟେକି ଫିଙ୍ଗି ଦେଲେ। ଏହା ଦେଖି ସୁଗ୍ରୀବ ବହୁତ ଖୁସି ହେଲେ। ସୁଗ୍ରୀବଙ୍କ ଦ୍ୱିତୀୟ ପରୀକ୍ଷା ଥିଲା ଶପ୍ତଶାଳ ଭେଦ। ସାତଟି ଶାଳ ବୃକ୍ଷକୁ ଭେଦ କରିବାକୁ ରାମକୁ ଅନୁରୋଧ କଲେ ସୁଗ୍ରୀବ। ରାମ ମାତ୍ର ଗୋଟିଏ ଶରରେ ସାତଟି ଶକ୍ତ ଶାଳ ଗଛକୁ ଭେଦ କଲେ। ଏ ସବୁ ଦେଖି ସୁଗ୍ରୀବ କୃତ୍ୟ କୃତ୍ୟ ହେଲେ ଓ ସେ ଦୃଢ଼ ହୋଇଗଲେ ଯେ ଶ୍ରୀରାମ ବାଳିକୁ ବଧ କରିପାରିବେ। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

ମୋ: ୯୯୮୦୩୦୦୭୫୧



ଶୁଭନାରାୟଣ ଶତପଥୀ

# ଗାନ୍ଧୀଙ୍କ ପଥରେ ସଭିଁଏ ଚାଲ



ଗାଁରେ ଥିବା ସବୁ ପିଲାମାନଙ୍କ ଭିତରେ ମଦନ ବାରିହୋଇପଡେ। କାରଣ ମଦନର ଦୁଷ୍ଟାମୀରେ ସଭିଁଏ ଅତିଷ୍ଠ। ଯେତେଯାହା କହିଲେ ସେ ଶୁଣେ ନାହିଁ। କାହା ବାଡିରୁ ପିଜୁଳି ଚୋରି କରେ ତ ଆଉ କାହାର ଚୁଟି ଭିଡେ, କାହାକୁ ଖତେଇ ହୁଏ, କାହା ସହ ମାରପିଟ ହୁଏ। ଏହା ହେଲା ତାର ନିତିଦିନିଆ କାମ। ପାଠପଢା କଥା କହିଲେ ଲୁଚିଯାଏ। ତା ପାଇଁ ତାର ବାପାମାଆଙ୍କ ମୁଣ୍ଡ ତଳକୁ ହେଲାଣି ତଥାପି ଚେତା ପଶୁନି। ମଦନ କେମିତି ବଦଳିବ ତାହା ସମସ୍ତଙ୍କର ଚିନ୍ତା। ମଦନକୁ ଯେତେ ବୁଝାଇଲେ ମଧ୍ୟ ସେ ନିଜକୁ ପରିବର୍ତନ କରିବାର ନାଁ ଧରୁନି।

ଦିନେ ଗୁରୁଜୀ ମଦନକୁ ଡାକିନେଇ ଗାଁ ଶେଷମୁଣ୍ଡରେ ଥିବା ସାଧୁମଉସାଙ୍କ ପାଖକୁ ଗଲେ। ତାଙ୍କ ଘରେ ବସି ମଦନ ଚାରିଆଡକୁ ଚାହୁଁଥାଏ। ଦେଖିଲା ସାଧୁମଉସା ଏକାକୀ ରହୁଛନ୍ତି। ମଦନ ଓ ଗୁରୁଜୀଙ୍କ ପାଇଁ ସାଧୁମଉସା ଜଳଖିଆ ଆଣିଲେ। ମଦନ ଜଳଖିଆ ଖାଇସାରି ବସିଥାଏ। ଗୁରୁଜୀ ସାଧୁମଉସାଙ୍କୁ କିଛି କହିବା ଆଗରୁ ହଠାତ ଜଣେ ଲୋକ ଆସି ଦାଣ୍ଡଦୁଆରେ ଅଶ୍ଳୀଳ ଭାଷାରେ ଗାଳି କରିବାକୁ ଲାଗିଲା ଓ ସାଧୁମଉସାଙ୍କୁ ମାରିବା ପାଇଁ ଧମକ ବି ଦେଲା। କିନ୍ତୁ ସାଧୁମଉସା ବିଚଳିତ ହେଉନଥାନ୍ତି। ବରଂ ସବୁ ଶୁଣିବା ପରେ ସେହି ଲୋକଟିକୁ କହିଲେ ମୋତେ ଗାଳି କଲେ, ମାଡ ମାରିଲେ ଯଦି ତୁମର ଦଃଖ ଲାଘବ ହେବ ତାହେଲେ ତୁମେ ସେଇଆ କର। ମୁଁ ତୁମକୁ ଏହି କାମରେ ସହଯୋଗ କରିବି। ଲୋକଟି ସାଧୁମଉସାଙ୍କ କଥା ଶୁଣି ସେଠାରୁ ଚାଲିଗଲା। ମଦନ ଆବାକାବା ହୋଇ ଚାହିଁ ରହିଥାଏ। ସାଧୁମଉସା ମଦନକୁ କହିଲେ ଆରେ ତୁ ଏମିତି ଚାହିଁଛୁ କଣ ? ମୁଁ ସେ ଲୋକକୁ ବହୁତ ଭଲ ପାଏ, କିନ୍ତୁ ତାର ଖରାପ ଅଭ୍ୟାସ ହେଉଛି ନିଶା ଖାଇ ଗାଳି କରିବା। ଆଜି ମୁଁ ତା ହାବୁଡରେ ପଡିଲି। ଏଇ କେତେପଦ କଥା ମଦନକୁ ପ୍ରଭାବିତ କଲା। ସେ ଆହୁରି ଶୁଣିବାକୁ ଇଛା କରୁଥାଏ ସାଧୁମଉସାଙ୍କଠାରୁ। ସତ୍ୟ, ଅହିଂସା, ଧର୍ମ, ମାନବିକତା ବିଷୟରେ ଅନେକ କଥା ବୁଝିଲା ମଦନ। ଶେଷରେ ସାଧୁମଉସାଙ୍କୁ ପଚାରିଲା ତୁମେ ଏସବୁ କେଉଁଠୁ ଜାଣିଲ ? ସାଧୁମଉସା ଉତର ଦେଲେ ମହାତ୍ମାଗାନ୍ଧୀ ଜୀବନୀରୁ। ପ୍ରକୃତରେ ସାଧୁମଉସା ହେଉଛନ୍ତି ଜେଣେ ଗାନ୍ଧୀବାଦୀ ବ୍ୟକ୍ତିତ୍ୱ। ଏତିକିବେଳେ ଗାଳି କରିଥିବା ଲୋକଟି ପୁଣି ଆସିଲା। ସାଧୁମଉସାଙ୍କ ଗୋଡତଳେ ପଡି କ୍ଷମା ମାଗିଲା। ସାଧୁମଉସା କହିଲେ ଠିକ ଅଛି, ତୁମକୁ ମୁଁ କ୍ଷମା କରୁଛି କିନ୍ତୁ ତୁମକୁ ମୋର ଗୋଟିଏ କଥା ମାନିବାକୁ ପଡିବ। ତାହାହେଉଛି ତୁମେ ଅଜିଠାରୁ ନିଶା ଛାଡିବ ଓ ଅନ୍ୟକୁ ଭଲ ବ୍ୟବହାର ପ୍ରଦର୍ଶନ କରିବ। ଲୋକଟି କହିଲା ଆଜିଠାରୁ ନିଶା ଛାଡିଲି ଓ ଅନ୍ୟକୁ ଖରାପ ବ୍ୟବହାର ପ୍ରଦର୍ଶନ କରିବି ନାହିଁ ବୋଲି ଶପଥ କରୁଛି। ସାଧୁମଉସା ଏହାଶୁଣି ସେହି ଲୋକଟିକୁ ଆଲିଙ୍ଗନ କଲେ। ଲୋକଟି ଆଖିରୁ ଧାରଧାର ଲୁହ ବୋହିଯାଉଥାଏ। ଏହାଦେଖି ଆଉ ସମ୍ଭାଳି ପାରିଲାନି ମଦନ। ସେ ଭାବବିହ୍ୱଳ ହୋଇଗଲା। ତା ଆଖିରେ ବି ଲୁହ। ବାଡି ପଛରୁ କିଛି ଫୁଲ ଆଣି ସାଧୁମଉସାଙ୍କ ଘରେ ଥବା ଗାନ୍ଧିଜୀଙ୍କ ଫଟୋ ପାଖରେ ଅର୍ପଣ କରି ଓ ପ୍ରଣାମ ଜଣାଇଲା। ସାଧୁମଉସା ଓ ଗୁରୁଜୀ ମଦନର ମୁଣ୍ଡ ଆଉଁସି ଦେଉଥାନ୍ତି। ସେଦିନଠାରୁ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମଦନ ଗାଁର ସବୁଠାରୁ ଶାନ୍ତଶିଷ୍ଟ, ଆଦର୍ଶବାନ ପିଲା ହେଲା, ଭଲ ପାଠ ପଢିଲା। ଏବେ ମଦନ ସମସ୍ତଙ୍କୁ କୁହେ ଗାନ୍ଧୀଙ୍କ ପଥରେ ସଭିଁଏ ଚାଲ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

## ଧାରାବାହିକ ଉପନ୍ୟାସ ଭାଗ-୧୪

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୋଟିଏ ବାଘୁଣୀ ଥରକେ ତିନି ଚାରୋଟି ପର୍ଯ୍ୟନ୍ତ ଛୁଆ ଜନ୍ମ କରେ। ସାଢ଼େ ତିନିମାସ ବା ଶହେପଂଚ ଦିନ ହେଲାପରେ ଛୁଆଟି ଜନ୍ମ ହୁଏ। ଜନ୍ମ ହେବାର ଦଶଦିନ ପର୍ଯ୍ୟନ୍ତ ତା ଛୁଆମାନେ ଅନ୍ଧ ଥାଆନ୍ତି। ମାଆ ବାଘୁଣୀର ଗନ୍ଧ ବାରିବାରି ମାଆର କୋଳକୁ ଯାଇ କ୍ଷୀର ପିଅନ୍ତି। ଦଶଦିନ ପରେ ତାଙ୍କର ଆଖି ଫିଟେ। ବାଘର ଛୁଆମାନେ ତିନିମାସ ପର୍ଯ୍ୟନ୍ତ ମାଆର କ୍ଷୀର ଖାଇ ବଂଚନ୍ତି। ତିନିମାସଠାରୁ ଛଅମାସ ପର୍ଯ୍ୟନ୍ତ ମାଆର କ୍ଷୀର ଖାଇ ବଂଚନ୍ତି। ତିନିମାସଠାରୁ ଛଅମାସ ପର୍ଯ୍ୟନ୍ତ ମାଂସର ସ୍ୱାଦ ବାରନ୍ତି। ଛଅମାସ ପରେ ଏମାନେ ମାଆର କ୍ଷୀର ଛାଡ଼ ମାଂସ ଉପରେ ଭରସା କରନ୍ତି। ଛଅମାସ ପରେ ଏମାନେ ମାଆଠାରୁ ଯିବାର କୌଶଳ ଶିଖନ୍ତି। ନଅମାସ ପରେ ଏମାନେ ଛୋଟ ଛୋଟ ଶିକାର ପଛରେ ଗୋଡ଼ାନ୍ତି। ବର୍ଷେ ହୋଇଗଲେ ଏମାନେ ବଡ଼ ବଡ଼ ଜନ୍ତୁଙ୍କ ଶିକାର କରନ୍ତି। ଅଠରମାସ ହୋଇଗଲେ ବାଘର ପୁଅପିଲାମାନେ ମାଆକୁ ଛାଡ଼ି ଅନ୍ୟତ୍ର ପଳାନ୍ତି। ଝିଅମାନେ ବାଇଶିମାସ ଯାଏ ମାଆପାଖେ ରହି ଶେଷରେ ମାଆ ହେଇଯାଆନ୍ତି। ମହାବଳ ବାଘର କୌଣସି ଗୋଠ ନଥାଏ। ସେ ଏକା ଏକା ବୁଲେ।

ମୁଁ ବେଳେବେଳେ ବଡ଼ି ସକାଳୁ ଉଠି ଚାରିକିଲୋମିଟର ବାଟ ଚାଲି ଚାଲି ବଣକୁ ପଳାଏ। ବଣ ଭିତରେ ପଶେନି। ବଣତଳେ କୌଣସି ଏକ ନିରାପଦ ଯାଗାରେ ବସେ। ରାତିର କୁହୁଡ଼ି କାକର ଓ ଥଣ୍ଡା ପବନରେ ଗାଧେଇ ପାଧେଇ ବଣ ବଡ଼ ସତେଜ ଦେଖାଯାଏ। ରାତି ଚାରିଟାରୁ କେହି କେହି ଚଢ଼େଇ ନିଦରୁ ଉଠି ଗୀତ ଗାଉଥିଲେ ମଧ୍ୟ ସକାଳ ସାଢ଼େ ପାଂଚଟା ବେଳକୁ ଜଙ୍ଗଲର ସବୁ ଚଢ଼େଇ ଗୀତ ଗାଇବା ଆରମ୍ଭ କରନ୍ତି। ବଣ କୁକୁଡ଼ା ଡାକେ, ଚଢ଼େଇଙ୍କ ଗୀତରେ ଫାଟି ପଡ଼େ ବଣ ଜଙ୍ଗଲ। ଶୀତୁଆ ପବନରେ ଭାସିଆସେ ବଣଫୁଲର ଗନ୍ଧ। କାନକୁ ଶୁଭେ ଭଅଁର ଆଉ ମହୁମାଛିଙ୍କ ଗୁଂଜନ। ଅନ୍ୟମନସ୍କ ହେଇଯାଏ ମନ। ଯେତିକି ଯେତିକି ଫର୍ଚା ହୁଏ, ଚଢ଼େଇଙ୍କ ଗୀତ କମି କମି ଆସେ। ଶାନ୍ତ ହୋଇଯାଏ ବଣ।

(କ୍ରମଶଃ)

ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

କବିତା
ତୁମ ପାଇଁ

## ଅକ୍ଟୋବର ଦୁଇ ପକାଏ ମନେ

ନୀଳମଣି ଚାନ୍ଦ

ଏମିତି ମାନବ ସେ ଜଣେଜଣେ
ମହାମାନବରେ ବିଶ୍ୱ ତ ଗଣେ
ଶାନ୍ତି, ଅହିଂସା
ଦେଖାଇଥିଲେରେ ନୂତନ ଦିଶା।

ଏମିତି ଜଣେରେ ମୋହନ ଦାସ ଫିରିଙ୍ଗୀ
ଗରବ କଲେ ସେ ନାଶ
ଦେଶର ପାଇଁ
ଦେଲେ ସ୍ୱାଧୀନତା କେ ଜାଣି ନାହିଁ।

ଲାଲବାହାଦୂର ଆଉରେ ଜଣେ
ଶାନ୍ତିଦୂତ ନାମେ ବିଶ୍ୱ ତ ଜାଣେ
ଦେଲେ ସ୍ଲୋଗାନ
ଜୟ ଜୱାନ, ଜୟ କିଶାନ।

ଅକ୍ଟୋବର ଦୁଇ ପକାଏ ମନେ
ଜନ୍ମତିଥି ପାଳ ଆଜିର ଦିନେ
ତାଙ୍କରି ନୀତି
ମାନିଲେ, ଯିବରେ ଜୀବନେ ଜିତି।

+ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ପଶୁମାନଙ୍କର ସଭା

ଦୀପକ କୁମାର ମିଶ୍ର

ରବିବାରିଆ ଛୁଟିଦିନ ଦେଖି
ସିଂହ ରାଜାଙ୍କର ହେଲା ଆଦେଶ ବାଣୀ
ସଭାଟିଏ ହେବ ତାଙ୍କ ପ୍ରଜାଙ୍କର
ଶୁଣିବେ ସଭିଙ୍କର ସେ ଦୁଃଖ କାହାଣୀ ?
ପଶୁସଭା ହେଲା ଜଙ୍ଗଲ ମଝିରେ
ମହାରାଜା ବିରାଜିଲେ ଏକ ଚଉକି ପାରି
ହୁକୁମ କଲେ ଜଣେ ପରେ ଜଣେ
କୁହ ତୁମର ସବୁ ଯେତେ ହାରି ଗୁହାରି ?

ପ୍ରଥମେ କହିଲା ହାତୀ ହାତ ଯୋଡ଼ି
ମଣିମା ଶୁଣ ଏବେ ମୋହର ବୁଡଇ ବେଳ
ବଣ ପରା ଏବେ ସରିସରି ଆସିଲାଣି
ନିଅ ହେଲାଣି ଫଳ,ମୂଳ ଆଉ ଗଛର ଡାଳ ?
ଭୋକ ବିକଳରେ ପଶି ସେ ଯାଉଛି
ଏବେ ପାଖ ଗାଁ ସାହି, ବିଲ, ଖମାର ଘରେ
ଲୋକଙ୍କର ସହିତ ନିତି ଝଗଡା ହୁଅଇ
କେବେ ହାତୀ ମରେ କେବେ ମଣିଷ ମରେ ।

ବାଘ ବିଚରା ନିଜ ମୁଣ୍ଡକୁ ଆଉଁଷି
ରାଗି ଉଠି କହିଲା ଭାରି ଗର୍ଜନ ଗଳେ
ବଂଶ ତା'ର ଲୋପ ପାଉଅଛି
ଜାତି ଭାଇ ଆସୁଛନ୍ତି ବିଦେଶୁ ପଲେ ?
ଚମଡା ପାଇଁ ଶିକାର ହେଉଛି
ଏବେ ବାଘ ସମାଜ ଗଣୁଛି ପ୍ରମାଦ ଦିନ
କିଛି ଦିନ ଅନ୍ତେ ଫୋଟ ଚିତ୍ରରେ
ବାଘ ହୋଇବ ଯେ ଖାଲି ଦୃଶ୍ୟମାନ ।

ଭାଲୁ ହେଲା ଦୁଇଗୋଡେ ଛିଡା
ଜଣାଇବାକୁ ତା ହୃଦୟର ଦୁଃଖ ସଂଭାର
ହୁଡ଼ି ପାହାଡ଼ ସବୁ କଟା ହେଉଅଛି
ତୋଳା ହେଉଅଛି ବଡ଼ ବଡ ପ୍ରାସାଦ ଘର ?
ସେ ବୁଲୁଅଛି ଗାଁ ତଳିମାଳେ
ସତେ ଜୀବନ ଲାଗେ ଏବେ କେତେ ବିକଳ
ଭାବୁଛି ଏଥତ ନିଜ ପିଲାଛୁଆ ଧରି
ପଳେଇବ ଦୂର କେଉଁ ଏକ ତୀର୍ଥ ସ୍ଥଳ ?

ଶୃଗାଳ କହିଲା ହୁକେ ହୋ ଛାଡି
ପୋତା ସରିଲାଣି ସବୁଯାକ ବିଲୁଆ ଗାତ
ତାକୁ ରହିବାକୁ ଜାଗା ମିଳୁନାହିଁ
ସେ ବୁଲୁଅଛି ଖାଲି ହୋଇ ଇତସ୍ତତଃ।
ମାଙ୍କଡ଼ ବିଚରା ଖିଙ୍କାରି ହୋଇ
ଧୀରେ ସ୍ୱରରେ କହିଲା ଗୋଟେ ମରମ କଥା
ବିବାକୁ ପରା ଦର୍ଶନୀୟ ସ୍ଥାନେ
ଏବେ ପରିବାର ସହ ସେ ବାନ୍ଧିଛି ବସା ।

କହିଲା ହରିଣ ହୋଇ କାନ୍ଦୁର ମାନ୍ଦୁର
ଟିକେ ଶୁଣବକି ମତେ ଆହେ ଜଙ୍ଗଲ ରାଜା
ସବୁଜ ବନାନୀ ସରି ସରି ଆସେ
ତା'ର ବାଜିଲାଣି କାଳେ ବ୍ୟାଣ୍ଡ ବାଜା ।
ଏହିପରି ପଶୁ ଜଣେ ପରେ ଜଣେ
ଖୋଲିଲେ ସେମାନଙ୍କର ଦୁଃଖର ପେଡି
ସବୁକଥା ଶୁଣି ସିଂହ ମହାରାଜା
ସରକାରଙ୍କୁ ଲେଖିଲେ ଗୋଟାଏ ଚିଠି ?

ଲେଖି ଜଣାଇଲେ ଆହେ ସରକାର
କର ତୁରନ୍ତ ବ୍ୟବସ୍ଥା ଆମ ପଶୁ ମାନଙ୍କର
ନହେଲେ ଆମେ ଧ୍ୱଂସ ହେବୁ
ବିଗିଡି ନଷ୍ଟ ହେବ ସନ୍ତୁଳନ ଏ ପୃଥିବୀର ?

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଅତି ଆପଣାର ମେଥି

ନଗେନ୍ଦ୍ର ନାଥ ପଟନାୟକ

ଘରେ ପରିବାରେ ଚିଜଟିଏ ପରା
ଅତି ଆପଣାର ମେଥି
ସ୍ୱାସ୍ଥ୍ୟ ପାଇଁକି ଭାରି ହିତକର
ଗମ୍ଭୀର ରୋଗର ପଥି ।

ସକାଳ ପହିଲି ଖାଦ୍ୟର ପ୍ରଭାବ
ଶରୀର ଉପରେ ପଡେ
ନିଇତି ପିଇଲେ ମେଥିପାଣି ଆମେ
କେତେ ରୋଗକୁ ଏ ତଡେ ।

ଶରୀରେ ଖାଦ୍ୟ ହଜମ କ୍ରିୟାର
ଦୃତତର ହୁଏ ଗତି
ମେଥିପାଣି ଆମ ଦେହକୁ ଯୋଗାଏ
ଆବଶ୍ୟକ ମତେ ଶକ୍ତି ।

ଖଣିଜ ଲବଣ ଭିଟାମିନ ତତ୍ତ୍ୱ
ତହିଁରେ ରହିଛି ଭରି
ପୁଣି ଭରପୂର କ୍ୟାଲୋରୀ ତନ୍ତୁରେ
ସ୍ୱାସ୍ଥ୍ୟ ପାଇଁ ଉପକାରୀ ।

ଉତ୍କଟ ମଧୁମେୟ , ହୃଦରୋଗର
ବିପଦ ଯାଏଟି ହଟି
ଦେହର ଓଜନ କମିଯାଏ ସିନା
ତନୁମନ ହୁଏ ଫୁର୍ତି ।

+୯୯୯/୩,ଜଗମୋହନ ନଗର,ଜାଗମରା
ଖଣ୍ଡଗିରି,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



# ପାରାଦୀପରେ ଆର୍ସେଲରମିତଲର ନଦୀ ଭିତ୍ତିକ ବନ୍ଦର ପ୍ରକଳ୍ପର ଜନଶୁଣାଣି

## ନିଯୁକ୍ତି ଓ ଜୀବିକାକୁ ନେଇ ପ୍ରକଳ୍ପକୁ ବିରୋଧ କଲେ ଗ୍ରାମବାସୀ




ପାରାଦୀପ, ୩୦/୯(ନି.ପ୍ର): ଆର୍ସେଲରମିତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍)ର ପାରାଦୀପ ଉଦୟବଟ ଗ୍ରାମ ଅନ୍ତର୍ଗତ ମହାନଦୀ କୂଳରେ ହେବାକୁ ଥିବା ୪.୫ ଏମ୍‌ଟିପିଏ କ୍ୟାପ୍‌ଟିଭ୍ ନଦୀ ଭିତ୍ତିକ ବନ୍ଦର ପାଇଁ ପାରାଦୀପ ଜିଲ୍ଲା ପ୍ରଶାସନ ଏବଂ ଓଡିଶା ରାଜ୍ୟ ପ୍ରଦୂଷଣର ଆଚଂଳିକ କାର୍ଯ୍ୟାଳୟ ଦ୍ୱାରା ଏକ ଜନଶୁଣାଣୀ ମୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ କାହ୍ନୁ ଚରଣ ଧୀରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏସ୍‌ପିସିବିର ଆଚଂଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପାରାଦୀପ ଅତିରିକ୍ତ ଆରକ୍ଷି ଅଧୀକ୍ଷକ ନିମାଇଁ ଚରଣ ସେଠୀ, ପାରାଦୀପ ଓଏସ୍‌ପିସିବିର ଡେପୁଟି ଏନ୍‌ଭରନ୍‌ମେନ୍ଟ ଇଞ୍ଜିନିୟର ବିବେଚିତା ଷଡଙ୍ଗୀ ଏବଂ ଟୁଇଙ୍କିଲ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନଶୁଣାଣୀରେ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂଘ ଓ ଜନସାଧାରଣ ମାନେ ଯୋଗ ଦେଇଥିଲେ। ଏତଦ୍ ବ୍ୟତିତ ଏଏମ୍/ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି ସୁରେଶ, ଏଏମ୍/ଏନ୍ଏସ୍ ଇଣ୍ଡିଆ ପରିବେଶ ମୁଖ୍ୟ ଆକାଶ ମହାପାତ୍ର, ବନ୍ଦର ମୁଖ୍ୟ ଶୁଭକାନ୍ତ ଦାଶ, ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ୟୁଏସ୍ଆର୍ ରାଜୁ, କର୍ପୋରେଟ୍ ଅଫେୟାରସ୍ ଯୁଗ୍ମ ସାଧାରଣ ପରିଚାଳକ ପି କେ ମହାନ୍ତି, ସିଏସ୍ଆର୍ ମୁଖ୍ୟ ଯାଦବେନ୍ଦ୍ର, ପରିବେଶର ବରିଷ୍ଠ ପରିଚାଳକ ସୁଭେନ୍ଦୁ ଦାଶ ଉପସ୍ଥିତ ଥିଲେ। ପ୍ରସ୍ତାବିତ ନଦୀ ଭିତ୍ତିକ ବନ୍ଦର ପୂର୍ବରୁ ରହିଥିବା ପେଲେଟ୍ ପ୍ଲାଣ୍ଟ ଏବଂ ୬୦ ମେଗାୱାଟ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ନିକଟରେ ପ୍ରାୟ ୬୦୦ ମିଟର ମୁହାଣ ଥିବା ଖାଲି ଜମିରେ ନିର୍ମାଣ କରାଯିବ । ଉଭୟ ବାହ୍ୟ ଲୁହାପଥର ପେଲେଟ୍ ଏବଂ ଆମଦାନୀ କଚାଂମାଲ ନଦୀ ଭିତ୍ତିକ ବନ୍ଦରରୁ ପାରାଦୀପ ବନ୍ଦରକୁ ସ୍ଥାନାନ୍ତରିତ ହେବ। ୪.୫ ଏମ୍‌ଟିପିଏ ନଦୀ ଭିତ୍ତିକ ବନ୍ଦର ପ୍ରକଳ୍ପ ନିମନ୍ତେ ପ୍ରାୟ ୧୫୬.୮୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ନିର୍ମାଣ ପର୍ଯ୍ୟାୟରେ ୨୨୦ ଜଣ ଏବଂ ନଦୀ ଭିତ୍ତିକ ବନ୍ଦରର କାର୍ଯ୍ୟକ୍ଷମ ସମୟରେ ୧୧୦ ଜଣ ନିଯୁକ୍ତି ପାଇବେ। ଦକ୍ଷତା ଉପରେ ଆଧାର କରି ସ୍ଥାନୀୟ ଯୁବକମାନଙ୍କ ନିମନ୍ତେ ଚାକିରିର ସୁଯୋଗ ଦିଆଯିବ। କମ୍ପାନୀ ପାର୍ଶ୍ୱବର୍ତୀ ସ୍ଥାନମାନଙ୍କରେ ବିକାଶ ଆଣିବାର ଲକ୍ଷ୍ୟ ମଧ ରଖିଛି। ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡିଶା ଅପରେସନ୍‌ର ପରିବେଶ ମୁଖ୍ୟ ଆକାଶ ମହାପାତ୍ର ପରିବେଶ ଉପରେ ପ୍ରଭାବକୁ କମ୍ କରିବା ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ପଦକ୍ଷେପ ଏବଂ ପରିବେଶ ପରିଚାଳନା କାର୍ଯ୍ୟକ୍ରମ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ପରିବେଶ ତଥା ନଦୀ କୂଳର ସୁରକ୍ଷା ପାଇଁ ସର୍ବୋତମ ଜ୍ଞାନକୌଶଳର ବ୍ୟବହାର କରାଯିବ ବୋଲି ସେ ନିଶ୍ଚିତ କରିଛନ୍ତି। ଏହି ବୈଠକରେ ଉପସ୍ଥିତ ଲୋକମାନଙ୍କ ପ୍ରକଳ୍ପ ବିବରଣୀ ବ୍ୟତୀତ ପରିବେଶ ପ୍ରଦୂଷଣ, ସମାଜ ଏବଂ ପାରିପାର୍ଶ୍ୱିକ ବିକାଶ, ନିଯୁକ୍ତି ସୁଯୋଗ ସମ୍ବନ୍ଧୀୟ ବିଭିନ୍ନ ଦିଗରେ ଥିବା ପ୍ରଶ୍ନର ଉତର ଗୁଡିକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ପ୍ରତିନିଧିମାନେ ଦେଇଥିଲେ। ତେବେ ଏହି ପ୍ରସ୍ତାବକୁ ଅନେକାଂଶରେ ବିରୋଧ ଓ ସମର୍ଥନ କରାଯାଇଥିବା ବେଳେ ପ୍ରକଳ୍ପ ଅଂଚଳର ବହୁ ଲୋକ ନିଯୁକ୍ତି ଓ ଜୀବିକା ସୁରକ୍ଷା ଦାବୀରେ ବିଭିନ୍ନ ପୋଷ୍ଟର ମାଧ୍ୟମରେ ପ୍ରତିବାଦ କରିଥିବା ବେଳେ ମତ୍ସ୍ୟଜୀବି ସଂଗଠନ ଜୀବିକା ସୁରକ୍ଷା ପାଇଁ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ। ତେବେ କମ୍ପାନୀର ଏହି ପ୍ରାୟୋଜିତ ଜନଶୁଣାଣୀକୁ ସ୍ଥାନୀୟ ବହୁ ବାସିନ୍ଦା ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ଏହି କାର୍ଯ୍ୟକ୍ରମକୁ ପୁନଃର୍ବାର ଆୟୋଜନ କରିବା ପାଇଁ ସାଧାରଣରେ ଦାବୀ ହୋଇଥିଲା ।

## ରାଜଧାନୀରେ ୩୬ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୩୦/୯(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୨୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୮୯୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୧୨୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୫୫୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## ବାରିପଦାରେ କଂଗ୍ରେସ ସଂଖ୍ୟାଲଘୁ ସେଲ ବୈଠକ



ବାରିପଦା, ୩୦/୯(ନି.ପ୍ର): ଆଜି ବାରିପଦା ଠାରେ ଜିଲ୍ଲା କଂଗ୍ରେସ ମାଇନରିଟି ସେଲର ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଇନରିଟି ସେଲ ଓଡ଼ିଶା ଇନଚାର୍ଜ ଶେଖ୍ ଅବଦୁଲ କଲାମ, ଓଡ଼ିଶା ପ୍ରଦେଶ କଂଗ୍ରେସ ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ମହମ୍ମଦ ଜିଆ ଉଲ୍ ହକ ଓ ଶେଖ ଅବଦୁଲ ସାଜିଦ୍ ବାରିପଦା ସର୍କିଟ ହାଉସ ଠାରେ ପହଂଚିବା ପରେ ମୟୂରଭଂଜ ଜିଲ୍ଲା ସଂଖ୍ୟାଲଘୁ ଅଧ୍ୟକ୍ଷ ଶେକ୍ ରଖିମ ଉପଢୋଉକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଜିଲ୍ଲାରେ ସଂଖ୍ୟାଲଘୁ ସଂଗଠନ କିଭଳି ମଜବୁତ ହେବ ସେ ବିଷୟରେ ବୈଠକରେ ଦିଗଦର୍ଶନ ଦେବାସହ ଭାରତ ବର୍ଷ ଭଳି ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଗୁରୁତ୍ୱ ଅନେକ । ଭାଇଚାରା ସୃଷ୍ଟି କରି ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଆମ ସମସ୍ତଙ୍କର କର୍ତବ୍ୟ ବୋଲି କହିଥିଲେ । ଏହି ବୈଠକରେ ଜିଲ୍ଲା ସଭାପତି ହେମନ୍ତ ଦାସ, ପିସିସି ସଭ୍ୟ ଯୋଗେଶ ଅଗ୍ରୱାଲ, ଉପସଭାପତି ଅରବିନ୍ଦ ଦାସ, ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ, ଏସ ଟି ସେଲର ନିର୍ମଳ ପ୍ରଧାନ, ଓ୍ୱାହିଦା ଅହମ୍ମଦ, ଭାଗିରଥୀ ଘୋଡ଼େଇ, ସେଖ ଅଫଜର, ସେଖ ପପୁ, ସେଖ ମୁନ୍ନା, ଜାଭେଦ ଅଖତର, ସେଖ ସବଜତ, ସେଖ ବାବୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ପଶ୍ଚିମବଙ୍ଗକୁ ଗୋଚାଲାଣ ବେଳେ କାବୁ କଲା ନୀଳଗିରି ପୋଲିସ : ଜଣେ ଗିରଫ ସହ ୯ ଗୋରୁ ଓ ଗାଡ଼ି ଜବତ

ନୀଳଗିରି, ୩୦/୯(ନି.ପ୍ର): ନୀଳଗିରି ଅଂଚଳରୁ ପଶ୍ଚିମବଙ୍ଗକୁ ଏକ ପିକଅପ ଗାଡ଼ିରେ ୧୦ଟି ଗୋରୁ ଚାଲାଣ କରାଯାଉଥିବାର ବିଶେଷ ସୂତ୍ରରୁ ନୀଳଗିରି ଥାନାର ଆଇ.ଆଇ.ସି. ଗୋପାଳଚନ୍ଦ୍ର କର୍ଣ୍ଣ ରାତ୍ରି ପେଟ୍ରୋଲିଂ କରୁଥିବା ଥାନାର ସବ୍‌ଇନିସ୍‌ପେକ୍ଟର ଦିଲ୍ଲୀପ କୁମାର ସେନାପତିଙ୍କୁ ଖବର ଦେବା ପରେ ପୋଲିସ ସନ୍ତରାଗଡ଼ିଆ ଛକ ଠାରେ ଉକ୍ତ ଗୋରୁ ବୋଝେଇ ପିକ୍ ଅପ ଡବ୍ଲୁ.ବି. ୩୧ଏ-୫୬୯୩ କୁ ଭୋର ୪ଟା ସମୟରେ ଜବତ୍ କରି ନୀଳଗିରି ଥାନାକୁ ଆଣିଥିଲେ । ଉକ୍ତ ଟାଟା ପିକଅପ ଗାଡ଼ିରେ ୧୦ଟି ଗୋରୁଅମାନୁଷିକ ଭାବେ ଭର୍ତି କରାଯାଇଥିବା ବେଳେ ତନ୍ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଛି । ଏପଟେ ଗାଡ଼ିର ଡ୍ରାଇଭର ପଶ୍ଚିମବଙ୍ଗ ର ପୂର୍ବମେଦିନିପୁର ଜିଲ୍ଲା ଆଗ୍ରା ଥାନା ଅଧିନସ୍ଥ ଆଟାବାଟି ଛୋଟ ନାଲଗେରିଆ ଗ୍ରାମର ସୌମରେନ୍ଦ୍ର ମହୁରିଆକୁ ଗିରଫ କରିଛି । ଉକ୍ତ ୯ଟି ଗୋରୁ ପୋଲିସ ପକ୍ଷରୁ ପଶୁ ଡାକ୍ତର ଡକାଇ ଚିକିତ୍ସିତ କରିଥିବା ଜଣାପଡ଼ିଛି ।

## ଶ୍ରାଦ୍ଧବାର୍ଷିକୀରେ ବିପ୍ଳବୀ ପ୍ରାଣନାଥଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୦/୯(ନି.ପ୍ର): ବିଶିଷ୍ଟ ଶିକ୍ଷା ସଙ୍ଗଠକ, ଓଡ଼ିଶାର ସାମ୍ୟବାଦୀ ଆନ୍ଦୋଳନର ପୁରୋଧା, କୃଷକ ଆନ୍ଦୋଳନର କର୍ଣ୍ଣଧାର, ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କ ତିଥି ଅନୁଯାୟୀ ୫୨ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ୟୁନିଟ୍ ୩ସ୍ଥିତ ତାଙ୍କ ପ୍ରତିମୂର୍ତିସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ରଞ୍ଜୁଲତା ରାୟ, ଅଲିଅଲି ମଲ୍ଲିକ, ସାମ୍ୟବାଦୀ ନେତା ବସନ୍ତ କୁମାର ପାଇକରାୟ, ଉତ୍କଳ ସମ୍ମିଳନୀ ମଟେଶ୍ୱର ଶିକ୍ଷାଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା, ମଞ୍ଜରୀଦେବୀ ନର୍ସିଂ କଲେଜର ପ୍ରତିଷ୍ଠାତା ଶରତ ଚନ୍ଦ୍ର ବିଶ୍ୱାଳ, ସଂଯୁକ୍ତା ପାଣିଗ୍ରାହୀ, ରଶ୍ମିତା ମଲ୍ଲିକ, ଗୁରୁଚରଣ ସାହୁ, ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ନିଜ ବକ୍ତବ୍ୟରେ ପ୍ରାଣନାଥ ବାବୁଙ୍କ ଗୁଣାବଳୀର ସ୍ମୃତିଚାରଣ କରିଥିଲେ । ସେହିପରି ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଏହି ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କବୟିତ୍ରୀ ପୁଷ୍ପଲତା ମିଶ୍ର, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଳିତା ପାତ୍ର, ପଦ୍ମନାଭ ଜେନା, ବିଦ୍ୟାଧର ପଣ୍ଡା, କଣ୍ଣମଣି ବିଶ୍ୱାଳ ପ୍ରମୁଖ ଭାଗ ନେଇଥିଲେ । ଉପେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତତୀର୍ଥ ଇରମରେ ୮୦ ତମ ଶହୀଦ ସ୍ମୃତି ଦିବସ ମହାସମାରୋହରେ ପାଳିତ



ବାସୁଦେବପୁର, ୩୦/୯(ନି.ପ୍ର): ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ରକ୍ତତୀର୍ଥ ଇରମ ରେ ବ୍ରିଟିଶ ମାନଙ୍କ ବନ୍ଧୁକ ଗୁଳିରେ ୨୯ ଜଣ ଦେଶ ପାଇଁ ଶହୀଦ ହୋଇଥିଲେ । ଏଥି ମଧ୍ୟରୁ ଭାରତ ଛାଡ଼ ଆନ୍ଦୋଳନ ର ପ୍ରଥମ ମହିଳା ଭାବେ ଏହିମାଟିରୁ ପରି ବେଓ ଶହୀଦ ହୋଇଥିଲେ । ଏହି ସ୍ମୃତି ରେ ପ୍ରତ୍ୟେକ ବର୍ଷ ଏଠାରେ ଶହୀଦ ଦିବସ ପାଳିତ ହେଉଛି । ଇରମ ଶହୀଦ ସ୍ମୃତି କମିଟି ଓ ପର୍ଯ୍ୟଟନ ଉନ୍ନୟନ କମିଟି ପକ୍ଷରୁ ସ୍ୱାଧୀନତା ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୮୦ ତମ ଶହୀଦ ଦିବସ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଧେଶ୍ୱର ବଳିରାମ ବନ୍ଦର ସକାଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଶହୀଦ ସମାଧି ପୀଠ ରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ବାଢିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମିନାଙ୍କ ଦ୍ୱାରା ଶହୀଦ ସମାଧି ପୀଠ ରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ବାସୁଦେବପୁର ଶହୀଦ ତୀର୍ଥଯାତ୍ରୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ରେ ବୈଲୋଚନ ଜେନା, ବନଲତା ଜେନା, ଅଧ୍ୟାପକ ବସନ୍ତ ଦାଶ, କାହ୍ନୁ ଚରଣ ବେହେରା ପ୍ରମୁଖ ଯୋଗଦେଇ ଶହୀଦ ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଭଦ୍ରକ ତ୍ୟାଗଭୂମି ପକ୍ଷରୁ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଗୌରାଙ୍ଗ ଚନ୍ଦ୍ର ବାରିକ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଚାରିବାଟିଆ ଗାନ୍ଧୀ ସ୍ମୃତି ରକ୍ଷା କମିଟି ର ନିରଞ୍ଜନ ବିଶ୍ୱାଳ, ନାରିନେତ୍ରୀ ମମତା ଜେନା, ବାସୁଦେବପୁର ଅବସରପ୍ରାପ୍ତ ସୈନିକ ସଂଘ ର ସମ୍ପାଦକ କୈଳାସ ନାଥ, ଶିକ୍ଷାବିତ ଦୁଃଶାସନ ରାଉତ, ଆଡଭୋକେଟ ନାରାୟଣ ଚନ୍ଦ୍ର ନାୟକ, ସ୍ମୃତି ରଞ୍ଜନ ପଳିତା, ରୋଟାରୀ କ୍ଲବ ର ମାଧବ ପୁହାଣ, ବରିଷ୍ଠ ସାମ୍ବାଦିକ କିଶୋର ମହାପାତ୍ର, ଅବସର ସାହିତ୍ୟ ଅନୁଷ୍ଠାନ ର ସଦସ୍ୟ ନାରାୟଣ ପ୍ରସାଦ ବାରିକ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ଅଶୋକ ଦାସ, ସଦସ୍ୟ ଭକ୍ତ ରଞ୍ଜନ ପଟ୍ଟନାୟକ, ବିଜେପି ର ଜିଲ୍ଲା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଯାମିନି କାନ୍ତ ପାଢ଼ୀ, ଶିକ୍ଷାବିତ ବନମାଳୀ କୁଅଁର, ବାଇ ଚଡେଇ ସାହିତ୍ୟ ଅନୁଷ୍ଠାନ ର ଉପଦେଷ୍ଟା କବି ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶହୀଦ ଙ୍କ ଉଦ୍ଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମହାତ୍ମା ଗାନ୍ଧୀ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଉତ୍କଳ ମଣି ଗୋପବନ୍ଧୁ ଦାସ, ସଂଗ୍ରାମୀ ନୀଳମଣି ରାଉତରାୟ, ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି, ସଂଗ୍ରାମୀ ଗଣେଶ ପ୍ରସାଦ ତ୍ରିପାଠୀ ଙ୍କ ପ୍ରତିମୂର୍ତ୍ତି ରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶହୀଦ କମିଟି ର ସଭାପତି ଭାଗିରଥି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ମଂଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମ ନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକା ଅଧ୍ୟକ୍ଷ ନିବେଦିତା ବେହେରା, ବିଡ଼ିଓ ସତ୍ୟଜିତ ରାଉତ, ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତି ସଭ୍ୟା ଲଗ୍ନିକା ମଲିକ, ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଯୁବ ଐତିହାସିକ ଓ ଗବେଷକ ଅଜୟ ପଣ୍ଡା, ଗିରିଶ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଭଦ୍ରକ ସାଂସଦ ଙ୍କ ପାର୍ଷିର ଅନୁଦାନ ରେ ଭାରତ ର ରାଜଧାନୀ ଦିଲୀ ଷ୍ଟାଇଲରେ ରକ୍ତତୀର୍ଥ ଇରମରେ ସବୁଠାରୁ ଲମ୍ବା ଜାତୀୟ ପତାକା କୁ ମାନ୍ୟବର ମନ୍ତ୍ରୀ ଉଦଘାଟନ କରି ଉଡ଼ାଇ ଥିଲେ । କବି ରଞ୍ଜନ ନାୟକ ଅତିଥି ପରିଚୟ ଓ ସତ୍ୟ ସୁନ୍ଦର ରାଉତ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଜେଡି ବିରୋଧରେ ନଡ୍ଡାଙ୍କ ....

ବରମୁଣ୍ଡା ପଡିଆରେ ପଦଯାତ୍ରା ପ୍ରସ୍ତୁତି ନାଁରେ ପରବର୍ତ୍ତୀ ରଣନୀତି ତିଆରି କରୁଥିଲା ବିଜେଡି । ଦ୍ୱିତୀୟ ଦିନରେ ବି ରାଜ୍ୟ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି ବିଜେପି ରାଷ୍ଟ୍ରିୟ ଅଧ୍ୟକ୍ଷ ଜେପି ନଡ୍ଡା । ଛାମୁଆ ସଂଗଠନର ନେତାଙ୍କ ଭିତରେ ଜୋସ୍ ଭରିବା ପାଇଁ, ନଡ୍ଡା କହିଛନ୍ତି, ବିକଶିତ ଓଡିଶା ଦେଖିବାକୁ ହେଲେ, ଓଡିଶାକୁ ବିଜେଡି ମୁକ୍ତ କରିବାକୁ ପଡିବ । ଭ୍ରଷ୍ଟାଚାରୀ ସରକାର ବିରୋଧରେ ଲଢ଼ିବାକୁ ପଡିବ । ଏମାନେ ରକ୍ଷକ ନୁହଁନ୍ତି ଭକ୍ଷକ । ଏମାନଙ୍କଠାରୁ ମୁକ୍ତ ହେବାକୁ ପଡିବ । ଆଉ ୨୦୨୪ରେ ଓଡିଶାରେ ପଦ୍ମ ଫୁଟାଇବାକୁ ପଡିବ । ଏପ୍ଟଙ୍କ ଶାସକ ଦଳ ବିଜେଡିକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ଶାଣିତ ଆକ୍ରମଣ ପରେ, ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଜେପି ଭଳି ବିଜେଡି ପଦଯାତ୍ରା ପ୍ରସ୍ତୁତି ବୈଠକର ଦ୍ୱତୀୟ ଦିନରେ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭର୍ଚୁଆଲ ମୋଡରେ ସାମିଲ ହୋଇ ଜନ ପ୍ରତିନିଧି ଓ କର୍ମକର୍ତାଙ୍କୁ କହିଛନ୍ତି, ଲୋକଙ୍କ ସେବା ହେଉଛି ମୁଖ୍ୟ । ରାଜନୀତି ଏଥିପାଇଁ ମାଧମ ମାତ୍ର । ପଞ୍ଚାୟତ ଓ ପୌର ନିର୍ବାଚନ ସମୟରେ ରାଜନୀତି ହୁଏ । ନିର୍ବାଚନ ସରିବା ପରେ ସମସ୍ତେ ଏକାଠି ହୋଇ ଲୋକଙ୍କ ପାଇଁ କାମ କରନ୍ତୁ । ଆଉ ହେବାକୁ ଥିବା ପଦଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି ନବୀନ ପଟ୍ଟନାୟକ । ତେବେ ନିର୍ବାଚନକୁ ଆହୁରି ଢ଼େର ଦିନ ବାକି ଥିଲେ ବି ଦୁଇ ଦଳଙ୍କ ପ୍ରସ୍ତୁତି ରାଜ୍ୟ ରାଜନୈତିକ ବାତାବରଣକୁ ଉଷ୍ମ କରିଛି ।

## ସରିଲା କଂଗ୍ରେସ ଅଧ୍ୟକ୍ଷ....

ଦିଗବିଜୟ । ଯାହା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନକୁ ଆହୁରି ନାଟକୀୟ କରିଛି । ରାଜସ୍ଥାନ ପ୍ରଦେଶ କଂଗ୍ରେସରୁ ଆରମ୍ଭ ହୋଇଥିବା ହାଇଭୋଲଟେଜ ବିବାଦର ସମାଧାନ ଦିଲ୍ଲୀ ଦରବାରରେ ହୋଇଥିଲା । ନିର୍ବାଚନ ରେସରେ ସବୁଠୁ ବଡ ଦାବିଦାର କୁହାଯାଉଥିବା ଅଶୋକ ଗେହଟଲଙ୍କ ଡବଲ ଗେମ ଭାରି ପଡିଥିଲା । ଗାନ୍ଧି ପରିବାର ପାଇଁ ସବୁଠାରୁ ଫିଟ୍ ପ୍ରାର୍ଥୀ କୁହାଯାଉଥିବା ଅଶୋକ ଗେହଲଟ୍ ମଧ୍ୟ ଏହି ଦୌଡ଼ରୁ ଓହରି ଯାଇଛନ୍ତି । ବାସ୍ତବରେ ଗେହଲଟ୍ ରାଜସ୍ଥାନ ଛାଡ଼ିବାକୁ ଚାହୁଁନଥିଲେ ଏବଂ ଯଦି ସେ ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇଥାନ୍ତେ ତେବେ ମୁଖ୍ୟମନ୍ତ୍ରୀ ପଦ ତାଙ୍କୁ ଛାଡିବାକୁ ପଡିଥାନ୍ତା । ଗାନ୍ଧି ପରିବାରର ପ୍ରମୁଖ ସମର୍ଥକଙ୍କ ମଧ୍ୟରେ ଖଡଗେଙ୍କ ନାଁ ସବୁଠୁ ଆଗରେ ରହିଛି । ଶ୍ରମିକ ଆନ୍ଦୋଳନରୁ ନେତା । ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ ଖଡଗେ । ପରେ ଦେଶର ସବୁଠୁ ପୁରୁଣା ଦଳ କଂଗ୍ରେସରେ ମଧ୍ୟ ତାଙ୍କର ଦବଦବା ବେଶ ଅଧିକ ରହିଛି । ଆଉ ସବୁଠାରୁ ବଡକଥା ହେଉଛି ଗାନ୍ଧି ଜି-୨୩ ସଦସ୍ୟମାନେ ମଧ୍ୟ ଖଡଗେଙ୍କୁ ନିଜ ସମର୍ଥନ ଦେବା ନେଇ ସୂଚନା ମିଳିଛି । ତେଣୁ ଚର୍ଚ୍ଚା ହେଉଛି କି ହୁଏତ ନିର୍ବାଚନରେ ଥରୁରଙ୍କୁ ପଛରେ ପକାଇ ଖଡଗେଙ୍କୁ ମିଳିପାରେ କଂଗ୍ରେସର ମୁଖିଆ ପଦ ।

## ଆତ୍ମଘାତୀ ବିସ୍ଫୋରଣରେ....

ଅର୍ଥାତ୍ ଗତ ଶୁକ୍ରବାର ଦିନ ମସଜିଦ୍ରେ ଏକ ଆତ୍ମଘାଟି ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ଘଟଣାସ୍ଥଳରେ ଟଳିପଡିଥିଲେ ୪ ଜଣ ବ୍ୟକ୍ତି । ତାଲିବାନ୍ ଦଖଲକୁ ଆସିବା ପରେ ଅଶାନ୍ତ ହୋଇପଡିଛି ଆଫ୍ଗାନିସ୍ତାନ । ଲଗାତାର ଭାବେ ସେଠାରେ ହିଂସା ଘଟି ଲୋକମାନେ ପ୍ରାଣ ହରାଉଛନ୍ତି । କେତେବେଳେ ବନ୍ଧୁକ ମାଡ, ଆଉ କେତେବେଳେ ବୋମାମାଡ ଯୋଗୁଁ ଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଆଫଗାନିସ୍ତାନକୁ ତାଲିବାନ କବଜା କରିବା ପରେ ବର୍ତମାନ ଇସଲାମିକ ଷ୍ଟେଟ ପାଇଁ ଏହା ବଡ ଚ୍ୟାଲେଂଜ ସାବ୍ୟସ୍ତ ହୋଇଛି । କହିବାକୁ ଗଲେ ତାଲିବାନର ପ୍ରମୁଖ ପ୍ରତିଦ୍ୱନ୍ଦୀ ସାଜିଛି ଆଇଏସଆଇ । ତେଣୁ ଏଭଳି ଆକ୍ରମଣ ପଛରେ ଇସଲାମିକ ଷ୍ଟେଟର ହାତ ଥିବା କହିଛି ତାଲିବାନ । ରୀତିମତ କାବୁଲ ସମେତ ଆଫଗାନର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟୁଛି । ସାର୍ବଜନୀନ ସ୍ଥାନଠୁ ନେଇ ଦୂତାବାସ ପର୍ଯ୍ୟନ୍ତ କିଛି ବାଦ ପଡୁନି । ତେବେ ଆଫଗାନକୁ ତାଲିବାନ କବଜା କରିବା ପରେ ଏଭଳି ଆତ୍ମଘାତୀ ବିସ୍ଫୋରଣ ଏବେ ପ୍ରତ୍ୟକ ଦିନର ଘଟଣାରେ ପରିଣତ ହେଉଛି ।

## କ୍ୟାବିନେଟ୍ ରେ ୮ଟି ....

ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ ଆସନ୍ତା ଖରିଫ ଚାଷରେ ୫୭ ଲକ୍ଷ ମେଟ୍ରିକ ଟନ ଓ ରବି ଚାଷରେ ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବେ ସରକାର । ନଭେମ୍ବର ରୁ ମାର୍ଚ୍ଚ ମାସ ଯାଏ ଖରିଫ ପାଇଁ ଧାନ ସଂଗ୍ରହ ହେବ ଓ ମେ ମାସରୁ ଜୁନ୍ ମାସ ପର୍ଯ୍ୟନ୍ତ ରବି ଋତୁ ପାଇଁ ଧାନ ସଂଗ୍ରହ ହେବ । ସେହିପରି ୪୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି।

## ଏସଭି ନିରତାରର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଭବନ ଉଦଘାଟନ କଲେ ନଡ୍ଡା

କଟକ/ଓଲଟପୁର/ଭୁବନେଶ୍ୱର, ୩୦/୯(ନି.ପ୍ର): କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ସଂସ୍ଥାନ (ଏସଭି ନିରତାର)ର ନୂତନ ୧୦୦ ଶଯ୍ୟା ବିଶିଷ୍ଟ ପୁନର୍ବାସ ଚିକିତ୍ସାଳୟ ଭବନ ଶୁକ୍ରବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଦେଶର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନଡ୍ଡାଙ୍କ କରକମଳରେ ଏହି ପୁନର୍ବାସ ଚିକିତ୍ସାଳୟ ଉଦଘାଟନ ହେବା ରାଜ୍ୟ ପାଇଁ ଗୌରବର ବିଷୟ । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଏସଭି ନିରତାର ନିରନ୍ତର ଭାବେ ଦିବ୍ୟାଙ୍ଗ ମାନଙ୍କୁ ଚିକିତ୍ସା ପ୍ରଦାନ କରୁଅଛି । ତେବେ ଆଗାମୀ ଦିନରେ ବିଭାଗୀୟ ମନ୍ତ୍ରଣାଳୟ ସହ ସମସ୍ତଙ୍କ ଉଦ୍ୟମରେ ଏସଭି ନିରତାରକୁ ଏକ ଅନ୍ତର୍ଜାତୀୟ ସଂସ୍ଥାରେ ପରିଣତ କରାଯିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଉଛି। ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଦିବ୍ୟାଙ୍ଗଙ୍କ ପରିଭାଷା ବଦଳାଇଛନ୍ତି । ମୋଦି ସରକାରରେ ଦିବ୍ୟାଙ୍ଗ ମାନଙ୍କୁ ଉଚିତ୍ ସମ୍ମାନ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ବିଶେଷ ଇଚ୍ଛା କାରଣରୁ ଦିବ୍ୟାଙ୍ଗଙ୍କ ପାଇଁ ସାଙ୍କେତିକ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପଦ୍ଧତିରେ ପାଠପଢ଼ାର ବ୍ୟବସ୍ଥା ସହ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆମକୁ ମଧ୍ୟ ଏ ଦିଗରେ ଦାୟିତ୍ୱ ନେବାକୁ ହେବ । ବିଶେଷ ଭାବରେ ଦିବ୍ୟାଙ୍ଗ ଭାଇ ଭଉଣୀମାନେ କିଭଳି ଆଧୁନିକ ଟେକ୍ନୋଲୋଜିରେ ଯୋଡ଼ି ହେବେ, ସେ ଦିଗରେ ଆମେ ସମସ୍ତେ ଦାୟିତ୍ୱ ନେବା ଦରକାର । ଏହାବ୍ୟତିତ ଉଦଘାଟିତ ହୋଇଯାଇଥିବା ଏସଭି ନିରତାରକୁ ବିଭାଗୀୟ ମନ୍ତ୍ରଣାଳୟର ଦାୟିତ୍ୱ ଓ ଶିକ୍ଷା ମନ୍ତ୍ରଣାଳୟର ଗାଇଡଲାଇନ ଏବଂ ମାପଦଣ୍ଡ ଅନୁସାରେ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ମାଟିଆଲି ଚୋରା ବାଲିଖାଦାନାରେ ଚଢ଼ାଉ, ୩ଟ୍ରାକ୍ଟର, ୧ଡମ୍ଫର, ୧ଲୋଡର ଜବତ

ନୀଳଗିରି, ୩୦/୯(ନି.ପ୍ର): ନୀଳଗିରି ତହସିଲ ଅଧିନସ୍ଥ ମାଟିଆଲି ବାଲିଖାଦାନରେ କିଛି ମାସ ଧରି ଚୋରା ବାଲି ମାଫିଆମାନେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ବିକ୍ରି କରୁଥିବା ବେଳେ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଚୋରା ବାଲି ଖାଦାନ ଉପରେ ଲଗାମ ଲଗାଇଥିବା ସହ ଅଚାନକ ଉକ୍ତ ଚୋରା ବାଲି ଖାଦାନ ମାଟିଆଲି ଠାରେ କର୍ମଚାରୀଙ୍କୁ ଧରି ଚଢ଼ାଉ କରିଥିଲେ । ମାଫିଆମାନେ ତହସିଲଦାରଙ୍କ ଅଚାନକ ଚଢ଼ାଉକୁ ଜାଣି ନ ପାରିବାରୁ ଶେଷରେ ତହସିଲଦାର ଅଶେଷ କୁମାର ନାୟକ ଚୋରା ବାଲିଖାଦାନରୁ ୩ଟି ଟ୍ରାକ୍ଟର , ୧ଟି ଡମ୍ଫର ଓ ୧ଟି ଲୋଡର ଜବତ୍ କରି ବରହମପୁର ଥାନାରେ ରଖିଛନ୍ତି । ନୀଳଗିରି ତହସିଲଦାରଙ୍କ ଅଚାନକ ଚଢ଼ାଉକୁ ସାଧାରଣରେ ପ୍ରଶଂସା କରାଯାଉଥିବା ବେଳେ ଚୋରା ବାଲି ମାଫିଆମାନେ ଛାନିଆ ହୋଇପଡ଼ିଛନ୍ତି ।

## ପୃଥ୍ୱୀବଲ୍ଲଭଙ୍କ ସହ କଥା ହେଲେ ରାହୁଲ ଗାନ୍ଧୀ

ଭୁବନେଶ୍ୱର, ୩୦/୯(ନି.ପ୍ର): ଆଜି ପୂର୍ବତନ କଂଗ୍ରେସ ସଭାପତି ତଥା ସାଂସଦ ଶ୍ରୀ ରାହୁଲ ଗାନ୍ଧୀ କର୍ଣ୍ଣାଟକର ଭାରତ ଯୋଡ ଯାତ୍ରାରୁ ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ପୂର୍ବତନ ସାଂସଦ ସ୍ୱର୍ଗତଃ ଜୟନ୍ତୀ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭ ପଟ୍ଟନୟକଙ୍କୁ ଟେଲିଫୋନ ମାଧ୍ୟମରେ ସ୍ୱର୍ଗତଃ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗ ପାଇଁ ଗଭୀର ସମବେଦନା ଜଣାଇଛନ୍ତି। ଶ୍ରୀ ଗାନ୍ଧୀ କହିଥିଲେ ଶ୍ରୀମତୀ ପଟ୍ଟନାୟକଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି। ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଅବିସ୍ମରଣୀୟ। ସେ ତାଙ୍କର ଆବେଗ ବ୍ୟକ୍ତ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ର ପ୍ରଭାରୀ ତଥା ସାଂସଦ ଡ ଚେଲ୍ଲା କୁମାରଜୀ , ପୃଥ୍ୱୀ ବଲ୍ଲଭ ଙ୍କ ସହିତ ରାହୁଲ ଗାନ୍ଧିଜୀ ଙ୍କୁ କଥା କରାଇ ଥିଲେ।


**ଦକ୍ଷିଣପୂର୍ବ ରେଳପଥ-କରିଜେଣ୍ଡମ୍**

**କୋରିଜେଣ୍ଡମ୍**

ଇ-ନିଲାମ ବିଜ୍ଞପ୍ତି ନମ୍ବରରେ କର୍ରିଗେଣ୍ଡମ୍ କରିଗେଣ୍ଡମ୍: COM/G.18/3AG Lounge/BLS/SIM, Dated: 27.09.2022 ପୂର୍ବରୁ ସିନିୟର ବିଭାଗୀୟ ବାଣିଜ୍ୟ ପରିଚାଳକ, ଦକ୍ଷିଣପୂର୍ବ ରେଳପଥ, ଖଡ଼ଗପୁର ଦ୍ୱାରା ପ୍ରକାଶିତ ।

ଉପରୋକ୍ତ ଟେଣ୍ଡରରେ କ୍ୟାପସନକୁ ଖଡ଼ଗପୁର ଏବଂ ବାଲେଶ୍ୱରରେ ଏସି ପେଡ୍ ଲାଉଞ୍ଜ ପାଇଁ ନିଲାମ ବିଜ୍ଞପ୍ତି ବଦଳରେ ବାଲେଶ୍ୱରରେ ଏସି ପେଡ୍ ଲାଉଞ୍ଜ ପାଇଁ ଶାଲିମର ରେଳ ଷ୍ଟେସନରେ ଏସି ୱେଟିଂ ହଲ୍ ମ୍ୟାନେଜମେଣ୍ଟ ଭାବରେ ପଢ଼ିବା ଉଚିତ୍ । ଅନ୍ୟ ସମସ୍ତ ବିବରଣୀ ଅପରିବର୍ତ୍ତିତ ରହିବ ।

(PR-654C)

ଧ୍ୱନି ପ୍ରତିଧ୍ୱନି

# ବିପ୍ଳବୀ ପ୍ରାଣନାଥଙ୍କ ତ୍ୟାଗପୂତ ଜୀବନ ପ୍ରେରଣାର ଉତ୍ସ : ରାଜ୍ୟପାଳ

ଭୁବନେଶ୍ୱର, ୩୦/୯(ନି.ପ୍ର): ଅଗ୍ରଗଣ୍ୟ ମୁକ୍ତିଯୋଦ୍ଧା, କୃଷକ ଓ ସାମ୍ୟବାଦୀ ଆନ୍ଦୋଳନର ଆଦ୍ୟ ପୁରୋଧା, ଶିକ୍ଷାବିତ୍ ଓ ସୁଲେଖକ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସେ 'ପ୍ରାଣନାଥ ସମ୍ମାନ-୨୦୨୨' ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରାଣନାଥଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଲେ ଯେ ତାଙ୍କର ସମଗ୍ର ଜୀବନ ଜନସେବା ପାଇଁ ଉତ୍ସର୍ଗୀକୃତ ଥିଲା । ସମାଜର ଗରିବ, ଅବହେଳିତ ଓ ଶୋଷିତ ବର୍ଗଙ୍କ ଉତ୍ଥାନ ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ । ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ତଥା 'ସମାଜ'ର ପ୍ରକାଶକ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ତଥା ସାଂସଦ ଡଃ. ଅଚ୍ୟୁତ ସାମନ୍ତ, ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଂଜନ ପଟ୍ଟନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପ୍ରାଣନାଥଙ୍କୁ ଜଣେ ସାଲିସ୍ ବିହୀନ ଯୋଦ୍ଧା ରୂପେ ଅଭିହିତ କରିଥିଲେ । ପ୍ରାରମ୍ଭରେ ସ୍ମୃତି ସମିତିର ସଭାପତି ବର୍ଷୀୟାନ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ଚଳିତ ବର୍ଷର 'ପ୍ରାଣନାଥ ସମ୍ମାନ'ରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ହେଲେ- ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ଡା. ସି.ବି.କେ. ମହାନ୍ତି, କବି ରକ୍ଷକ ନାୟକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ଶିକ୍ଷାବିତ୍ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଓ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡଃ ମୃତ୍ୟୁଞ୍ଜୟ ରଥ ।

# ଭାରତ ଯୋଡ଼ ପଦଯାତ୍ରା ପାଇଁ କଂଗ୍ରେସ ସଂଖ୍ୟାଲଘୁ ମୋର୍ଚ୍ଚାର ପ୍ରସ୍ତୁତି



ଭଦ୍ରକ, ୩୦/୯(ନି.ପ୍ର): କନ୍ୟାକୁମାରୀ ଠାରୁ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି ଭାରତ ଯୋଡ଼ ପଦଯାତ୍ରା। ରାହୁଲ ଗାନ୍ଧୀ ଏହି ପଦଯାତ୍ରାର ନେତୃତ୍ୱ ନେଇଛନ୍ତି। ଇତିମଧ୍ୟରେ ଶ୍ରୀ ଗାନ୍ଧୀ ୫ଟି ରାଜ୍ୟ ପଦଯାତ୍ରାରେ ଅତିକ୍ରମ କରିବା ସହ ବିଭିନ୍ନ ବର୍ଗର ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ଚାଲିଛନ୍ତି। ଏହିକ୍ରମରେ ଓଡିଶାରେ ମଧ ଭାରତ ଯୋଡ଼ ପଦଯାତ୍ରା ଅକ୍ଟୋବର ୩୧ରୁ ଆରମ୍ଭ ହେବ। ତେବେ ଭଦ୍ରକରେ ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ କଂଗ୍ରେସ ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ସଂଚାଳନା ଓ ବରିଷ୍ଠ କଂଗ୍ରେସ ନେତା ଆଶ୍ରଫ ଅଲ୍ଲୀ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସେଲର ସଭାପତି ରିଆଜଉଲ୍ଲ ହକ୍ ଓ ରାଜ୍ୟ ସଂଖ୍ୟାଲଘୁ ସେଲ ପ୍ରଭାରୀ ଅବଦୁଲ କଲାମ ଖାନ ଯୋଗଦେଇ ଉକ୍ତ ପଦଯାତ୍ରାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତେବେ ଭଦ୍ରକରେ ହେବାକୁ ଥିବା ଭାରତ ଯୋଡ଼ ପଦଯାତ୍ରାରେ ଯେଗଳି ଭାବରେ ଅଧିକରୁ ଅଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସାମିଲ ହେବେ ସେଥି ନେଇ ବ୍ୟାପକ ବିଚାର ବିମର୍ଷ କରାଯାଇଥିଲା। ବିଶେଷ କରି ଦେଶରେ ଯେପରି ଭାବରେ ସାମ୍ପ୍ରଦାୟିକ ବିଦ୍ୱେଷ ବଢ଼ି ଚାଲିଛି, ସେଥିରେ ରୋକ ଲାଗାଇବା ପାଇଁ ଉକ୍ତ ପଦଯାତ୍ରା ବିଶେଷ ଗୁରୁତ୍ୱ ବହନ କରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ରାହୁଲ ଗାନ୍ଧୀଙ୍କ ପଦଯାତ୍ରା ସମୟରେ ସବୁ ସ୍ଥାନରେ ବିପୁଳ ଜନ ସମର୍ଥନ ମିଳୁଛି। ତେଣୁ ଏହି ଭାରତ ଯୋଡ଼ ପଦଯାତ୍ରା ଦେଶର ରାଜନୈତିକ ଭବିଷ୍ୟତକୁ ଏକ ନିର୍ଣ୍ଣାୟକ ମୋଡ ଦେବ ବୋଲି ଦୁଇ ପ୍ରଭାରୀ ମତଦେଇଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତି, ରାଜନ ଲାହା, ସେକ ସିରାଜୁଦ୍ଦିନ, ଅବଦୁଲ ସଲାମ, ରବି ମହାପାତ୍ର, ମତଲୁବ ଅଲ୍ଲୀ ଖାନ, ଏନାମୁଲ ହକ୍, ମିର୍ଜା ଏକ୍ରାମ, ସେକ ସାହିଲ କାଦ୍ରୀ, ରେହାନା ବିବି, ହାସିନା ବାନୋ, ଫେଣ୍ଟୁ ଆଲାମ, ଫୈଜାନ ଅଲ୍ଲୀ, ମୋରାଦ ଖାନ, ବିଜୟ ବାରିକ, ରଂଜନ ଜେନା ପ୍ରମୁଖ ଉପସ୍ଥିତ ରହି ଉକ୍ତ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବସ୍ତି ଆଦିବାସୀ ପିଲାଙ୍କୁ ଶିକ୍ଷାଦାନ ଅଭିଯାନ



ପାରାଦୀପ, ୩୦/୯(ନି.ପ୍ର): ବସ୍ତିର ଆର୍ଥିକ ଅନଗ୍ରସର ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମନସା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିକ୍ଷାଦାନ ଅଭିଯାନ ଆରମ୍ଭ କରିଛି । ପରିବାର, ସମାଜ ଓ ଦେଶର ବିକାଶ କ୍ଷେତ୍ରରେ ଏହି ସର୍ବଶିକ୍ଷା ଅଭିଯାନର ବେଶ ଗୁରୁତ୍ୱ ରହିଛି । ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ପାରାଦୀପର ବେଲ୍ଟଲାଇନ୍ ନିକଟସ୍ଥ ମୁଣ୍ଡାପଡା ବସ୍ତିରେ ଆୟୋଜିତ ଏକ ବୈଠକରେ ଡିଏଭି ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଓ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ଯୋଗ ଦେଇ ଏହି ଅଭିଯାନ ପାରାଦୀପରେ ପ୍ରଥମ କରି ଆରମ୍ଭ କରିଥିବା ମନସା ଚାରିଟେବୁଲ ଟ୍ରଷ୍ଟ ଓ ଏହାର ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ଉଦ୍ୟମକୁ ବେସ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମଧୁବନସ୍ଥିତ ଜଗନ୍ନାଥ କଲୋନୀ ଓ ବେଲ୍ଟଲାଇନ୍ ସ୍ଥିତ ମୁଣ୍ଡାପଡା ବସ୍ତିରେ ପିଲା ଓ ପ୍ରୌଢ ମାନଙ୍କୁ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବ । ଏହି ପିଲାଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ବସ୍ତିର ୨୩୦ ଆଦିବାସୀ ପରିବାରର ଶିଶୁ ଓ ପ୍ରୌଢ ବ୍ୟକ୍ତି ମାନଙ୍କୁ ଶିକ୍ଷାଦାନର ଲକ୍ଷ ରଖାଯାଇଥିବା ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଥିଲେ । ଶେଷରେ ଟ୍ରଷ୍ଟ ପକ୍ଷରୁ ବସ୍ତିର ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଓ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ।

# ରାଜ୍ୟରେ ନୂଆ ୨୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦/୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୪୦୯୦ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୨୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୮୪ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୮୧ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୩୪୩୭ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୦୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୦୩ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୨, ବରଗଡ଼ ଜିଲ୍ଲାରେ ୨, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧୯, ଦେବଗଡ଼ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୬, ଗଞ୍ଜାମ ଜିଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରେ ୯, ଯାଜପୁର ଜିଲ୍ଲାରେ ୪, ଝାରସୁଗୁଡ଼ା ଜିଲ୍ଲାରେ ୧, କଳାହାଣ୍ଡି ଜିଲ୍ଲାରେ ୪, କନ୍ଧମାଳ ଜିଲ୍ଲାରେ ୨, କେନ୍ଦ୍ରାପଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୪ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୁରଭଞ୍ଜ ଜିଲ୍ଲାରେ ୧୧, ନବରଙ୍ଗପୁର ଜିଲ୍ଲାରେ ୩, ନୟାଗଡ ଜିଲ୍ଲାରେ ୫, ନୂଆପଡ଼ା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୯, ରାୟଗଡ଼ା ଜିଲ୍ଲାରେ ୧, ସମ୍ବଲପୁର ଜିଲ୍ଲାରେ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ୬୦ ଜାତୀୟ ରାଜପଥରେ ଗୋରୁଭର୍ତ୍ତି ପିକ୍‌ଅପ୍ ଜବତ୍ : ୧୫ ଗୋରୁକୁ ପଠାଗଲା ଗୋଶାଳା

ଜଳେଶ୍ୱର, ୩୦/୯(ନି.ପ୍ର): ୬୦ନଂ ଜାତୀୟ ରାଜପଥ ଚୋରା ବ୍ୟବସାୟୀଙ୍କର ଚାରଣ ଭୂମୀ ପାଲଟିଥିବା ବେଳେ ଆଜି ଜଳେଶ୍ୱର ପୋଲିସ୍ ଏକ ପିକ୍‌ଅପ୍‌ରୁ ୧୫ ଗୋରୁକୁ ବାଲେଶ୍ୱର ଗୋଶାଳା ପଠାଇଥିବା ଜଣାଯାଇଛି । ପ୍ରତିଦିନ ପ୍ରାୟ ୭/୮ଟି ପିକ୍‌ଅପ୍‌ରେ ଗୋରୁ ଭର୍ତ୍ତି କରି ପଶ୍ଚିମବଂଗ ପଠାଯାଉଥିବା ବେଳେ ଉପାନ୍ତ ଅଂଚଳର ବିଭିନ୍ନ ସ୍ଥାନରେ ଦଲାଲ ମାନଙ୍କ ଦୌରାତ୍ମ୍ୟ ବଢ଼ିଛି । ଦଲାଲମାନେ କଣ୍ଟେନର, ପିକ୍‌ଅପ୍ କିମ୍ବା ଚଲାଇ ଚଲାଇ ଗୋରୁ ଗୁଡିକୁ ସୀମା ପାର କରାଇଥାନ୍ତି । ଆଜି ଏକ ପିକ୍‌ଅପ୍‌ର ଛୋଟ କଣ୍ଟେନରେ ୧୫ଟି ଗୋରୁ ଭର୍ତ୍ତି କରାଯାଇ ବାହାରପଟୁ ତାଲା ଲଗାଯାଇ ବେଆଇନ୍ ଚୋରା ଚାଲାଣ ହେଉଥିଲା ବେଳେ ୬୦ନଂ ଜାତୀୟ ରାଜପଥର ମଧୁବନ ଧାବାଠାରେ ଅଟକି ରହିଥିଲା । ଜଳେଶ୍ୱର ପୋଲିସ୍ ଗାଡିଟିକୁ ସନ୍ଦେହ କରି ଚଢାଉ କଲାବେଳେ ଚାଳକ ସେଠାରୁ ଫେରାର ହୋଇ ଯାଇଥିଲା । ପରେ ଆଇଆଇସି ରୋଜାଲିନ୍ ବେହେରାଙ୍କ ନିର୍ଦ୍ଦେଶରେ ପୁଲିସ୍ ତାଲା ଭାଂଗି ଗୋରୁ ଥିବାର ଦେଖି ଗାଡିଟିକୁ ଥାନାକୁ ଆଣି ଗୋରୁ ଗୁଡିକୁ ବାଲେଶ୍ୱର ଗୋଶାଳା ପଠାଇଥିଲେ ।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧି ମାସେ ବଢ଼ିଲା

ଭୁବନେଶ୍ୱର, ୩୦/୯(ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ଅବଧିକୁ ଆଉ ମାସେ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୧,୨,୩,୪ ଶେଷ ନମ୍ବର ଥିବା ଗାଡିର ଡେଡ୍ ଲାଇନ୍ ଆଜି ସରୁଥିବା ବେଳେ ଏହା ଅକ୍ଟୋବର ୩୧ ଯାଏଁ ବଢ଼ିଛି। ସେହିପରି ଅନ୍ୟ ଗାଡି ନମ୍ବର ପାଇଁ ଧାର୍ଯ୍ୟ କରାଯାଇଥିବା ସମୟସୀମାରେ ମଧ୍ୟ ମାସେ ବୃଦ୍ଧି କରାଯାଇଛି। ଏନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସଟିଏ) ବିଜ୍ଞପ୍ତି ଜାରି କରିଛନ୍ତି। ନୂଆ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ପାଇଁ ମାସେ ମହଲତ ମିଳିଛି। ସମୟ ସୀମା ବୃଦ୍ଧି ପାଇଁ ହାଇକୋର୍ଟଙ୍କୁ ପ୍ରସ୍ତାବ ଦେଇଥିଲେ ରାଜ୍ୟ ସରକାର। ଯେଉଁ ଗାଡ଼ିର ଶେଷ ନମ୍ବର ୧,୨,୩,୪ ପାଇଁ ଆଜି ଥିଲା ଡେଡଲାଇନ୍ । ଏବେ ସମୟ ସୀମା ବଢ଼ିବା ପରେ ୩୧ ଅକ୍ଟୋବର ସୁଦ୍ଧା ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇ ପାରିବେ । ସେହିପରି ୫,୬ ଶେଷ ନମ୍ବର ପାଇଁ ନଭେମ୍ବର ୩୦ ହେଉଛି ଡେଡଲାଇନ୍। ୭ କିମ୍ବା ୮ ଥିଲେ ୩୧ ଡିସେମ୍ବର ଓ ୯ କିମ୍ବା ୦ ଥିଲେ ୩୧ ଜାନୁଆରୀ ସୁଦ୍ଧା ପଞ୍ଜୀକରଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି।

# ୧ ନଂ ୱାର୍ଡରେ ସ୍ୱାଧୀନତାର ଉଚ୍ଛ୍ୱାସ ପର୍ବ ପାଳିତ



ବାରିପଦା, ୩୦/୯(ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ୧ନଂ ୱାର୍ଡ କାଉନସିଲର ସୁକେଶିନୀ ସେଠୀଙ୍କ ନେତୃତ୍ୱରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ସ୍ୱାଧୀନତାର ଉଚ୍ଛ୍ୱାସ ପର୍ବ ପାଳିତ ହୋଇଯାଇଛି ଓ ଏହି ଅବସରରେ ୱାର୍ଡର ବେଲଗଡ଼ିଆ, ଟାଙ୍କିସାହି, ଝିଂଜିରିବନ୍ଧ ଓ ରାଜୀବ କଲୋନୀର ବସ୍ତି ବାସିନ୍ଦା ସଙ୍ଘରେ ଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ତଥା ଝିଅ, ବୋହୁ ମାନଙ୍କ ମଧ୍ୟରେ ଝୋଟି, ନୃତ୍ୟ ଓ ସଙ୍ଗୀତ ପ୍ରଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଶତାଧିକ ପ୍ରତିଯୋଗୀଙ୍କ ମଧ୍ୟରୁ ୮୦ ଜଣ କୃତିତ୍ୱ ଲାଭ କରି ପୁରସ୍କୃତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଶିକ୍ଷକ ସୋମନାଥ ସିଂହ, ସମାଜସେବୀ ଅମର କୁମାର ସେଠି, ଆଇନଜୀବୀ ଦୀପକ କୁମାର ମିଶ୍ର, ଟାଙ୍କିସାହି ବସ୍ତି ବାସିନ୍ଦା ସଂଘର ସୁନୀଲ କୁମାର ନାୟକ, ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ବସ୍ତି ବାସିନ୍ଦା ସଙ୍ଘର ସଭାନେତ୍ରୀ ଓ ସମ୍ପାଦିକାଙ୍କ ସମେତ ଭଗବତୀ ଭୂୟାଁ, ନିବେଦିତା ବେହେରା, ପୂର୍ବତନ କାଉନସିଲର ଦୁର୍ଗାମଣୀ ଆଚାର୍ଯ୍ୟ, ଜୟସ୍ମିତା ମହାନ୍ତି, ପ୍ରତିଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ଓ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ପାରିବେଷିତ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା ।

# ଏସ୍‌ସିଏସ୍‌ଟିଆରଟିଆଇର ତିନୋଟି ପ୍ରକାଶନ ଉନ୍ମୋଚିତ

ଭୁବନେଶ୍ୱର, ୩୦/୯(ନି.ପ୍ର): ସ୍ଥାନୀୟ ଏସ୍‌ସିଏସ୍‌ଟିଆରଟିଆଇ ସମ୍ମିଳନୀ କକ୍ଷରେ ଶୁକ୍ରବାର 'ଆଦିବାସୀ'-ଭଲ୍ୟୁମ୍ ୬୨, ଇସୁ ୧, ଏମ୍ପେରିକାଲ୍ ଷ୍ଟଡି କମ୍ ଡକ୍ୟୁମେଂଟେସନ୍ ଅନ୍ ଫୋକ୍‌ଲୋର ଅଫ୍ ଖଡିଆ ଟ୍ରାଇବ୍ ଅଫ୍ ଓଡ଼ିଶା ଓ ଏସ୍‌ସିଏସ୍‌ଟିଆରଟିଆଇର ନିଉଜ୍‌ଲେଟର ଭଲ୍ୟୁମ୍ ୧୨, ଇସ୍ୟୁ ୧ ଓ ୨ ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ୧୯୬୧ ମସିହାଠାରୁ 'ଆଦିବାସୀ' ନାମରେ ଏକ ସ୍ୱତନ୍ତ୍ର ଗବେଷଣାମୂଳକ ଜର୍ଣ୍ଣାଲ ପ୍ରକାଶିତ ହୋଇଆସୁଛି । ଏହି ସଂଖ୍ୟାରେ ମିଲେଟ୍ ଓ ଆଦିବାସୀ ସଂପର୍କିତ ଅନେକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି । ରାଜ୍ୟ ସରକାର ମିଲେଟ୍ ର ଚାଷକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା ଏବଂ ୨୦୨୩କୁ ଭାରତ ସରକାର ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବରେ ପାଳନ କରୁଥିବାବେଳେ ଏସ୍‌ସିଏସ୍‌ଟିଆରଟିଆଇ ପକ୍ଷରୁ ମିଲେଟ୍ ସମ୍ବନ୍ଧରେ ପ୍ରକାଶିତ ପୁସ୍ତିକାରେ ଜନଜାତି ଓ ମିଲେଟ୍ ର ସାଂସ୍କୃତିକ ସଂପର୍କରେ ଅନେକ ତଥ୍ୟ ସନ୍ନିବେସିତ ହୋଇଛି ବୋଲି ନିର୍ଦ୍ଦେଶକ ଡ. ଓତା କହିଛନ୍ତି। ସେହିପରି ଖଡ଼ିଆ ଜନଜାତିଙ୍କ ଉପରେ ଏକ ତଥ୍ୟମୂଳକ ପୁସ୍ତକକୁ ଡ. ଏ.ବି. ଓତା ଉନ୍ମୋଚିତ କରିଥିଲେ। ଏ.ଟି.ଏଲ୍.ସି ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିରେ ଖଡ଼ିଆ ଜନଜାତିଙ୍କର ଲୋକକଳା, ଲୋକକଥା, ଲୋକସଂଗୀତ, ପୌରାଣିକ କଥା ଆଦି ତଥ୍ୟ ରହିଛି। ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଆଜି ଅବସର ଗ୍ରହଣ କରିଛନ୍ତି । କର୍ମଚାରୀମାନେ ନିର୍ଦ୍ଦେଶକ ପ୍ରଫେସର (ଡ.) ଓତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଫେସର ଡ. ଓତା ଗତ ୧୬ ବର୍ଷ ଧରି ସଂସ୍ଥାନର ନିର୍ଦ୍ଦେଶକ ଭାବେ ଜନଜାତିଙ୍କ ବିକାଶ ପାଇଁ ନିରନ୍ତର ଭାବେ ନିଜକୁ ଜଡ଼ିତ କରିଆସିଛନ୍ତି ।

# ଉତ୍କଳ ଭାରତୀ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା



ବସ୍ତା, ୩୦/୯(ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ଦରଡ଼ା ସ୍ଥିତ ଉତ୍କଳ ଭାରତୀ ଶିକ୍ଷ୍ୟା କେନ୍ଦ୍ର ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇ ଛି, ।ଉକ୍ତ ବିଜ୍ଞାନ ମେଳାକୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସମାଜସେବୀ ପ୍ରଦୀପ କୁମାର ବିଶ୍ୱାଳ ଉଦଘାଟନ କରି ଥିଲା ବେଳେ ମୁଖ୍ୟ ଅତିଥି ଭାବେ ଦରଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ଦିପ୍ତେନ୍ଦୁ ବାଳା ବିଶ୍ୱାଳ ଯୋଗ ଦେଇ ଥିଲେ । ଶ୍ରୀ ବିଶ୍ୱାଳ ଓ ସୁମିତା ପାତ୍ର ପରିକ୍ଷକଭାବେ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ଉକ୍ତ ମେଳାରେ ତିରିଶ ରୁ ଉର୍ଦ୍ଧ ପ୍ରକଳ୍ପ ସ୍ଥାନ ପାଇଥିଲା, କୁନି ବୈଜ୍ଞାନିକ ମାନେ ଦର୍ଶକ ମାନ ବିଭିନ୍ନ ପାରଦର୍ଶିତା ଦେଖାଇ ପରିକ୍ଷକଙ୍କୁ ମୋହିତ କରି ଥିଲେ । ଅନୁଷ୍ଠାନ ର ଗୁରୁଗୀ ଗୁରୁମା ସାହାଯ୍ୟରେ ମେଳା ଅନୁଷ୍ଠିତ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ସେକ୍ରେଟାରୀ ଉମାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅହିଂସାରଥ ଲାଗି ସୁବର୍ଣ୍ଣରେଖାର ପବିତ୍ର ପାଣି ପଠାଗଲା ଭୁବନେଶ୍ୱର



ଜଳେଶ୍ୱର, ୩୦/୯(ନି.ପ୍ର) : ସମଗ୍ର ରାଜ୍ୟରେ ଅହିଂସା ରଥ ବୁଲୁଥିବା ବେଳେ ଆସନ୍ତା ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ସମସ୍ତ ନଦୀ ଓ ତୀର୍ଥସ୍ଥାନର ପାଣି ଓ ମାଟିକୁ ବ୍ୟବହାର ଲାଗି ଭୁବନେଶ୍ୱର ପଠାଯାଇଛି । ଦେଶର ୭୫ତମ ସ୍ୱାଧିନତା ଦିବସ ଅବସରରେ ଆଜାଦିକୁ ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗତ ଅଗଷ୍ଟ ୧୫ ତାରିଖରୁ ଅହିଂସାରଥ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲା । ଅଗଷ୍ଟ ୨ ତାରିଖରେ ଏହାର ଉଦ୍‌ଯାପନୀ ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବାରୁ ସୁବର୍ଣ୍ଣରେଖା ନଦୀରୁ ପବିତ୍ରପାଣି ଭୁବନେଶ୍ୱର ପଠାଯାଇଥିବା ଜଣାଯାଇଛି । ବାଲେଶ୍ୱର ଜିଲାର ବୁଢାବଳଙ୍ଗ, ଜଳକା, ସୁବର୍ଣ୍ଣରେଖା ନଦୀର ପବିତ୍ର ପାଣି ପଠାଯାଇଥିବା ବେଳେ ରାଇବଣିଆର ବୀର ମାଟି ପ୍ରେରଣ ହୋଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ନଦୀର ପାଣି ନେବା ଅବସରରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଡିଓ ପୁନମ୍ ରାଉତ, ପୌର ଅଧିକାରୀ ଅଜୟ ମହାପାତ୍ର, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କମିଳା ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକଙ୍କ ସେବା ହେଉଛି ମୁଖ୍ୟ, ରାଜନୀତି ଏଥିପାଇଁ ଏକ ମାଧ୍ୟମ ମାତ୍ର : ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୩୦/୯(ନି.ପ୍ର): ଲୋକଙ୍କ ସେବା ହେଉଛି ମୁଖ୍ୟ, ରାଜନୀତି ଏଥିପାଇଁ ଏକ ମାଧ୍ୟମ ମାତ୍ର । ଏହା ଆମେ ସମସ୍ତେ ମନେ ରଖିବା ଦରକାର। ପଂଚାୟତ ଓ ପୌର ନିର୍ବାଚନ ସମୟରେ ରାଜନୀତି ହୁଏ । ନିର୍ବାଚନ ସରିବା ପରେ ସମସ୍ତେ ଏକାଠି ହୋଇ ଲୋକଙ୍କ ପାଇଁ କାମ କରନ୍ତୁ। ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହେଉଥିବା ବିଜୁ ଜନତା ଦଳର ଜନସଂପର୍କ ପଦଯାତ୍ରାକୁ ସଫଳ କରିବା ନିମନ୍ତେ ବରମୁଣ୍ଡା ପଡ଼ିଆରେ ଆୟୋଜିତ ପ୍ରସ୍ତୁତି ବୈଠକର ଦ୍ୱିତୀୟ ଦିବସରେ ଭର୍ଚୁଆଲ ମାଧ୍ୟମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ଜନ ପ୍ରତିନିଧି ଓ କର୍ମକର୍ତାମାନଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଏକ ଆଂଚଳିକ ଦଳ ଭାବେ ଆମେ ସବୁବେଳେ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ପ୍ରାଥମିକତା ଦେଇ ଆସିଛୁ। ଆଗକୁ ମଧ ଦେଇ ଚାଲିବୁ। ଆମ ଦଳ ଲୋକଙ୍କ ସୁଖଦୁଃଖରେ ଏବଂ ଲୋକଙ୍କ ସାଥିରେ ରହି ଆସିଛି। ଏହି ଧାରାକୁ ଅନୁସରଣ କରି ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କୁ ସାଥିରେ ନେଇ ଲୋକଙ୍କ ପାଖକୁ ଯାଆନ୍ତୁ ଏବଂ ସାରା ରାଜ୍ୟରେ ଏହି ପଦଯାତ୍ରାକୁ ସଫଳ କରାନ୍ତୁ । ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ସ୍ୱଚ୍ଛ ପ୍ରଶାସନ ଯୋଗୁଁ ଓଡ଼ିଶା ଆଜି ପ୍ରତିଟି କ୍ଷେତ୍ରରେ କିପରି ଉନ୍ନତିର ମାର୍ଗରେ ଦ୍ରୁତ ଗତିରେ ଆଗଉଛି, ତାହାର ବାର୍ତା ରାଜ୍ୟର କୋଣ ଅନୁକୋଣରେ ପହଂଚାଇବା ଲାଗି ବୈଠକରେ ଉପସ୍ଥିତ ଥିବା ଦଳର କର୍ମକର୍ତାମାନଙ୍କୁ ମନ୍ତ୍ର ଦେଇଥିଲେ। ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଚିନ୍ତାଧାରା ଯୋଗୁଁ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଛନ୍ତି । ଲୋକେ ତାଙ୍କୁ ନିସର୍ତ ଭାବେ ଭଲ ପାଆନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆର୍ଥିକ ସୁପରିଚାଳନା ଯୋଗୁଁ ଓଡ଼ିଶା କିପରି ଦ୍ରୁତ ଗତିରେ ପ୍ରଗତି କରୁଛି, ତାହାର ଚିତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ପ୍ରୀତି ରଂଜନ ଘଡ଼େଇ କହିଥିଲେ ଯେ ଗମନାଗମନ କ୍ଷେତ୍ରକୁ ସରକାର ପ୍ରାଥମିକତା ଦେଇଥିବାରୁ ଓଡ଼ିଶାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ୫ଟି ରୂପାନ୍ତରୀକରଣର ସୁନେଲି ଚିତ୍ର ଉପସ୍ଥାପନ କରିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ୫ -ଟି ମନ୍ତ୍ରକୁ ଭୂୟସୀ ପ୍ରଶଂସା କରିଥିଲେ।କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିଜ ଭାଷାଣରେ ଓଡ଼ିଶା କେମିତି ନିଅଂଟିଆ ଖାଦ୍ୟ ରାଜ୍ୟରୁ ଆଜି ବଳକା ରାଜ୍ୟରେ ପରିଣତ ହୋଇଛି, ତାହାର କାହାଣୀ ବର୍ଣ୍ଣନା କରିଥିଲେ। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ନବୀନ ବାବୁଙ୍କ ଦୃଢ ନେତୃତ୍ୱକୁ ପଦଯାତ୍ରା ବେଳେ ତାହା ଲୋକଙ୍କ ପାଖରେ ପହଂଚାଇବାକୁ ଆହ୍ୱାନ ଦେଇଥିଲେ।

# ବିଜେଡି ଛାଡି ବିଜେପିରେ ତେଜେଶ୍ୱର ପରିଡା

ଭୁବନେଶ୍ୱର, ୩୦/୯(ନି.ପ୍ର): ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ବିଜେଡିର ପୂର୍ବତନ ରାଜ୍ୟ ପ୍ରବକ୍ତା, ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ସଭାପତି ତେଜେଶ୍ୱର ପରିଡା ଶୁକ୍ରବାର ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହାସହ ଆଳିର ବିଶିଷ୍ଟ ଶିକ୍ଷାବିତ, ବିଜେଡିର ତୁଙ୍ଗ ନେତା, କନିକା ଏସଏନ କଲେଜର ଅଧ୍ୟକ୍ଷ ବୈକୁଣ୍ଠନାଥ ପରିଡା ମଧ୍ୟ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡିଶାରେ ମଧ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ସଭାପତି ତେଜେଶ୍ୱର ପରିଡା ଶୁକ୍ରବାର ଦିନ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଇମେଲ୍ ଯୋଗେ ନିଜ ଇସ୍ତଫାପତ୍ର ପଠାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo